ODIA DAILY EDITION
15.07.2025
କଟକ, ମଙ୍ଗଳବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଜୁଲାଇ-୧୫, ୨୦୨୫
ବର୍ଷ-୩୭, ସଂଖ୍ୟା-୧୦
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

### ଏମ୍ସର ଦୀକ୍ଷାନ୍ତ ସମାରୋହରେ ଯୋଗଦେଲେ ରାଷ୍ଟ୍ରପତି

## ଡାକ୍ତରୀ ବୃତ୍ତି ନୁହେଁ ଏହା ଏକ ବ୍ରତ



**ଭୁବନେଶ୍ୱର, ୧୪।୭:** ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି ଓଡିଶାର ଭୁବନେଶ୍ୱର ଅବସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ର ପଞ୍ଚମ ଦିକ୍ଷାନ୍ତ ସମାରୋହରେ ଯୋଗ ଦେଇଥିଲେ। ଏହି ସୁଯୋଗରେ ସେ ବିଦ୍ୟାଳୟର ଉପଲବ୍ଧିଗୁଡ଼ିକୁ ସ୍ୱୀକାର କରି ବିଦ୍ୟାର୍ଥୀ, ଶିକ୍ଷକମାନେ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ତାଙ୍କର ଉଦବୋଧନରେ ରାଷ୍ଟ୍ରପତି କହିଥିଲେ ଯେ, ଗତ ୧୨ ବର୍ଷରେ ଏମ୍ସ୍ ଭୁବନେଶ୍ୱର ରୋଗୀ ସେବା, ଚିକିତ୍ସା ଗବେଷଣା ଓ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଉନ୍ନତି କରିଛି। ଏମ୍ସ ଓଡିଶା ସହିତ ଏହାର ପାଖପାଖି ରାଜ୍ୟଗୁଡିକ ଯଥା ପଶ୍ଚିମ ବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ପାଇଁ ଏକ ଭରସାଯୋଗ୍ୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ପରିଣତ ହୋଇଛି।

ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେସନ୍ ଦ୍ୱାରା ଏମ୍ସ୍ ଭୁବନେଶ୍ୱରକୁ 'ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଂଟ୍ କନସ୍ୱାର୍ଟିୟମ୍ କ୍ୱିଆଇପି ପୁରସ୍କାର' ପ୍ରଦାନ କରାଯାଇଥିବା ଜାଣି

**ଆଜି କଟକର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ**

ରାଷ୍ଟ୍ରପତି ପ୍ରସନ୍ନତା ବ୍ୟକ୍ତ କରିଥିଲେ ।

ସେ କହିଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ ଏମ୍ସ୍ ପରି ସଂସ୍ଥାନଗୁଡିକ ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଅନୁଭବୀ ଡାକ୍ତରମାନଙ୍କ ମାଧମରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ସୁଲଭ ମୂଲ୍ୟରେ ପ୍ରଦାନ କରୁଛନ୍ତି। ନିକଟ ଭବିଷ୍ୟତରେ ଭାରତ ବିଶ୍ୱରେ ଗୋଟିଏ ଅଗ୍ରଣୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବରେ ପରିଚିତ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

ଚିକିତ୍ସା ଗବେଷଣାର ଭୂମିକା ଉପରେ ଜୋର ଦେଇ ରାଷ୍ଟ୍ରପତି କହିଥିଲେ ଯେ, ଆଜି ଚିକିତ୍ସା ପ୍ରକ୍ରିୟା ଅଧିକ ସହଜ ହୋଇଯାଇଛି ଓ କୁଷ୍ଠରୋଗ, ପୋଲିଓ, ଟିବି ପରି ରୋଗମାନଙ୍କର ଭାର ପୂର୍ବପେକ୍ଷା ବହୁତ ହ୍ରାସ ପାଇଛି। ଏହା ପାଇଁ ଡାକ୍ତରମାନେ, ଗବେଷକମାନେ, ସ୍ୱାସ୍ଥ୍ୟ କର୍ମଚାରୀମାନେ ଓ ସରକାରମାନେ ପ୍ରଶଂସାର ଯୋଗ୍ୟ।

ରାଷ୍ଟ୍ରପତି ସମାଜରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅବସାଦ (ଡିପ୍ରେସନ୍) ପ୍ରତି ଉଦବେଗ ପ୍ରକାଶ କରି ସେ କହିଥିଲେ ଯେ, ଏହାର ଚିକିତ୍ସା ପାଇଁ ଔଷଧ ସହିତସହିତ ସଚେତନତା ଓ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ। ଯୋଗ ଓ ପ୍ରାଣାୟାମ ମାନସିକ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ ଏବଂ ଡାକ୍ତରମାନେ ଏହି ଦିଗରେ ସମାଜକୁ ସଚେତନ କରିବା ଉଚିତ।

# ମରଣ ସହ ଯୁଝୁଛନ୍ତି ଛାତ୍ରୀ

## ଏମ୍ସରେ ପୀଡ଼ିତାଙ୍କୁ ଭେଟି ଭାବବିହ୍ୱଳ ହେଲେ ରାଷ୍ଟ୍ରପତି

- ୯୮ ପ୍ରତିଶତ ଅକ୍ସିଜେନ ସପୋର୍ଟ
- ୨୪ ଘଣ୍ଟିଆ ଡାକ୍ତରୀ ଟିମ ନଜର ରଖିଛନ୍ତି : ସୁପରିଟେଣ୍ଡେଣ୍ଟ
- ପୀଡ଼ିତା ମା'ଙ୍କ ସଙ୍ଗୀନ ଅଭିଯୋଗ
- କହିଲେ- ସାର୍ ମୋ ଝିଅ ଦେହରେ ନିଆଁ ଲଗାଇ ଦେଇଛନ୍ତି



**ଭୁବନେଶ୍ୱର, ୧୪।୭:** ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଅବସ୍ଥା ଗୁରୁତର ରହିଛି । ଗତକାଲି ମୁଁ ଝିଅକୁ ଦେଖିଲି । ଡ଼ାଇଲେସିସ ଆରମ୍ଭ ହୋଇ ସାରିଛି । ଡକ୍ଟର ଉନ୍ନତ ଚିକିତ୍ସା ଦେବାକୁ ଚେଷ୍ଟା କରୁଛନ୍ତି । ଶରୀରର ୯୫ ପ୍ରତିଶତ ପୋଡି ଯାଇଛି । ଦିଲ୍ଲୀ ଏମ୍ସ ସହ ଭର୍ଚୁଆଲି ଆଲୋଚନା ଚାଲିଛି । ମୁଖ୍ୟମନ୍ତ୍ରୀ ସହଯୋଗ କରୁଛନ୍ତି । ତାପରେ ସବୁ ଭଗବାନଙ୍କ ଇଚ୍ଛା ବୋଲି ପ୍ରତିକ୍ରିୟା ରଖିଛନ୍ତି ପୀଡ଼ିତାଙ୍କ ବାପା ।

ଛାତ୍ରୀଙ୍କ ଅବସ୍ଥା ଏବେବି ସଙ୍କଟାପନ୍ନ ରହିଛି । ୨୪ ଘଣ୍ଟିଆ ଡାକ୍ତରୀ ଟିମ ପୁରା ନଜର ରଖିଛନ୍ତି । ଦିଲ୍ଲୀ ଏମ୍ସ ସହ ନିରନ୍ତର ଆମେ ଯୋଗାଯୋଗରେ ରହି ଚକିତ୍ସା ଚାଲିଛି । ଗତକାଲି ସ୍ଥିତି ଯେଭଳି ଥିଲା ଆଜି ମଧ କ୍ରିଟିକାଲ ରହିଛି । ୭୨ ଘଣ୍ଟା ବେଶ ଗୁରୁତ୍ୱପୂର୍ଣ୍ଣ, ଗତକାଲି ଡାଇଲିସିସ ହୋଇଥିଲା । ଆବଶ୍ୟକ ହେଲେ ପୁଣି ଡାଇଲିସିସ ହେବ । ଆଜି ବଡିରେ ଟେଂପ୍ରେଚର ଆସିଛି । ଦିଲ୍ଲୀ ଏମ୍ସ ବିଶେଷଜ୍ଞ ସହ କଥା ହୋଇ ଆଣ୍ଟି ବାୟୋଟିକ ଚାଲିଛି । ଛାତ୍ରୀ ଜଣଙ୍କ ଭେଣ୍ଟିଲେଟରରେ ଅଛନ୍ତି । ମ୍ୟାନେଜମେଣ୍ଟ ପକ୍ଷରୁ ସବୁଠାରୁ ବେଷ୍ଟ ଦେବାକୁ ଚେଷ୍ଟା ଚାଲିଛି ବୋଲି କହିଛନ୍ତି ଏମ୍ସ ସୁପରିଟେଣ୍ଡେଣ୍ଟ ଦିଲ୍ଲୀପ ପରିଡା ।

ରାଜ୍ୟ ସରକାର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ନିଜ ଜୀବନ ନେବାକୁ ଉଦ୍ୟମ କରିବା ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଏହି ମାମଲାରେ ନିଲମ୍ବିତ କଲେଜ ଅଧ୍ୟକ୍ଷ ଦିଲୀପ କୁମାର ଘୋଷ ଗିରଫ ହୋଇଛନ୍ତି।

ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଗଠିତ ହୋଇଥିବା ଉଚ୍ଚସ୍ତରୀୟ କମିଟିର ଅନ୍ତରୀଣ ରିପୋର୍ଟ ଆଧାରରେ ନିଲମ୍ବିତ ଅଧକ୍ଷ ଦିଲୀପ କୁମାର ଘୋଷଙ୍କୁ ଗିରଫ କରାଯାଇଥିବା ଜଣା ପଡ଼ିଛି ।

ବାଲେଶ୍ୱର ଏଫ ଏମ୍ କଲେଜର ପୀଡିତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭେଟିଛନ୍ତି। ସୋମବାର ଏମ୍ସର ସମାବର୍ତ୍ତନ ଉତ୍ସବରେ ଯୋଗ ଦେବା ପରେ ଏମ୍ସ ବର୍ଣ୍ଣ ୱାର୍ଡରେ ଛାତ୍ରୀଙ୍କର ସ୍ୱାସ୍ଥ୍ୟବସ୍ଥା ଦେଖିବା ସହିତ ରାଷ୍ଟ୍ରପତି ସ୍ଥିତି ଅନୁଧ୍ୟାନ କରିଛନ୍ତି ।

ଏହା ସହିତ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେଇଛନ୍ତି। ରାଷ୍ଟ୍ରପତି ଡାକ୍ତରଙ୍କ ସହ ଚିକିତ୍ସା ସମ୍ବନ୍ଧରେ ଆଲୋଚନା କରିଥିଲେ। ରାଷ୍ଟ୍ରପତି କହିଥିଲେ ଠାକୁରଙ୍କ ପାଖରେ ପ୍ରାର୍ଥନା କରନ୍ତୁ ସେ ସୁସ୍ଥ ହୋଇ ଫେରି ଆସନ୍ତୁ ।

ଏସମ୍ପର୍କରେ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି, ରାଷ୍ଟ୍ରପତି ପୀଡ଼ିତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବର୍ତ୍ତମାନର ସ୍ଥିତି ସହ କଣ ଚିକିତ୍ସା ଯୋଗାଇ ଦିଆଯାଉଛି ପଚାରି ବୁଝିଥିଲେ। ପୀଡ଼ିତାଙ୍କ ପରିବାରକୁ ଭେଟି କଥା ହୋଇଥିଲେ।

**ନିଲମ୍ବିତ ଅଧକ୍ଷ ଗିରଫ ପରେ କୋର୍ଟଚାଲାଣ**

**ରାଷ୍ଟ୍ରପତିଙ୍କୁ ଭେଟିଲେ ବିରୋଧୀ**

ରାଷ୍ଟ୍ରପତିଙ୍କ ସହ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମଧ୍ୟ ପୀଡିତାଙ୍କୁ ଭେଟିଥିବା ସୂଚନା ମିଳିଛି।

ବାଲେଶ୍ୱରସ୍ଥିତ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ଆତ୍ମହତ୍ୟା ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଛି । ଏହି ଘଟଣାରେ ସୋମବାର ପୀଡ଼ିତା ଛାତ୍ରୀଙ୍କ ମା' ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସିସିଟିଭିରେ ଦେଖିଲୁ ନିଆଁ ଜଳୁଛି, ଛୁଆ ମୋର ଦୌଡ଼ି ଦୌଡ଼ି ଆସିଲା। ତେଣୁ ମୁଁ ଭାବୁଛି ସାର୍ ନିଆଁ ଲଗାଇ ଦେଇଛନ୍ତି। ପ୍ରିନ୍ସିପାଲ, ଐଡ଼ଓ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ମାରିବାକୁ ଚେଷ୍ଟା କରିଛନ୍ତି। ତେଣୁ ଆମେ ଚାହୁଁଛୁ ସେମାନଙ୍କୁ ଫାଶିଦଣ୍ଡ ମିଳିବା ଦରକାର। ମୋ ଝିଅକୁ ଫେଭର ମାଗିବା କଥା ବହୁ ବିଳମ୍ବରେ ଜାଣିଲୁ। ଏହି ଘଟଣାରେ ସୋମବାର ପୋଲିସ ସମ୍ପୃକ୍ତ ପ୍ରିନ୍ସିପାଲ୍ଙ୍କୁ ଗିରଫ କରାଯାଇଛି।

### ରିପୋର୍ଟ ମାଗିଲେ ମାନବାଧିକାର କମିଶନ

**ଭୁବନେଶ୍ୱର,୧୪।୭:** ବାଲେଶ୍ୱର ଏଫ ଏମ୍ କଲେଜ ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ଘଟଣାରେ ରିପୋର୍ଟ ମାଗିଛନ୍ତି ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)। ବାଲେଶ୍ୱର ଏସ୍‌ପିଙ୍କୁ ୧୫ ଦିନରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଜିଲ୍ଲାପାଳ, ସିଡିଏମଓଙ୍କୁ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କମିଶନ।

### ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କର ଓଡ଼ିଶା ହାଇକୋର୍ଟକୁ ବଦଳି



**ନୂଆଦିଲ୍ଲୀ/କଟକ, ୧୪।୭:** ଗୌହାଟୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କର ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଛି। ମେ' ୨୬ରେ ସୁପ୍ରିମକୋର୍ଟ କଲେଜିମ୍ୟ ସୁପାରିଶ କରିଥିଲେ। ସୋମବାର କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ତରଫରୁ ବଦଳି ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

### ଚେତିଲା ଉଚ୍ଚ ଶିକ୍ଷା ବିଭାଗ

## ସବୁ କଲେଜରେ ଇଣ୍ଟରନାଲ କମିଟି ଗଢ଼ିବାକୁ ନିର୍ଦ୍ଦେଶ

- ସବୁ ବିଶ୍ୱ ବିଦ୍ୟାଳୟ ରେଜିଷ୍ଟ୍ରାର ଓ କଲେଜ ପ୍ରିନ୍ସିପାଲଙ୍କୁ ଚିଠି
- ମହିଳା ଯୌନ ଶୋଷଣ ଓ ଅଭିଯୋଗ ନେଇ କର୍ମଶାଳା କରିବାକୁ ନିର୍ଦ୍ଦେଶ




**ଭୁବନେଶ୍ୱର, ୧୪।୭:** ବାଲେଶ୍ୱର ଘଟଣା ପରେ ଚେତି ଉଠିଛି ଉଚ୍ଚ ଶିକ୍ଷା ବିଭାଗ। ସମସ୍ତ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ନେଇ ତାଗିଦ୍ କରିଛି ଉଚ୍ଚ ଶିକ୍ଷା ବିଭାଗ। ୨୪ ଘଣ୍ଟା ମଧରେ ଅନ୍ତରୀଣ ଅଭିଯୋଗ କମିଟିର ସ୍ଥିତି ବିଷୟରେ ଉଚ୍ଚ ଶିକ୍ଷା ବିଭାଗକୁ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ସବୁ କଲେଜରେ ତୁରନ୍ତ ଇଣ୍ଟରନାଲ କମିଟି ଗଢିବାକୁ ଚିଠି ଲେଖା ଯାଇଛି।

ଏହା ସହିତ କମିଟି ସଦସ୍ୟଙ୍କ ନାଁ ଏବଂ ଯୋଗାଯୋଗ ନମ୍ବର HIMS ପୋର୍ଟାଲ ରେ ଅପଲୋଡ଼ କରିବାକୁ ନିର୍ଦ୍ଦେଶ। ଏହା ସହ ଯଥାଶୀଘ୍ର ମହିଳା ଯୌନ ଶୋଷଣ ଏବଂ ଅଭିଯୋଗ ନେଇ ଏକ କର୍ମଶାଳା କରିବାକୁ ନିର୍ଦ୍ଦେଶ। ସବୁ ବିଶ୍ୱ ବିଦ୍ୟାଳୟ ରେଜିଷ୍ଟ୍ରାର ଓ କଲେଜ ପ୍ରିନ୍ସିପାଲଙ୍କୁ ଉଚ୍ଚ ଶିକ୍ଷା ବିଭାଗ ଚିଠି ଲେଖିଛି।

ବାଲେଶ୍ୱର ଫକିର ମୋହନ କଲେଜର ଛାତ୍ରୀଙ୍କ ଆତ୍ମଦାହ ଉଦ୍ୟମ ଘଟଣା ପୂରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଘଟଣାକୁ ନେଇ ରାଜନୀତି ଚରମରେ ପହଞ୍ଚିଛି। ବାଲେଶ୍ୱରରୁ ଭୁବନେଶ୍ୱର ପରେ ଏବେ ଦେଶର ରାଜଧାନୀ ଦିଲ୍ଲୀରେ ପହଞ୍ଚିଲାଣି ପ୍ରସଙ୍ଗ । ବାଲେଶ୍ୱରରେ ବିରୋଧୀ ବିଜେଡି ଓ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଦିଲ୍ଲୀରେ କଂଗ୍ରେସ ପକ୍ଷରୁ କରାଯାଇଛି ସାମ୍ବାଦିକ ସମ୍ମିଳନୀ । ବାଲେଶ୍ୱର ଏଫଏମ କଲେଜ ସାମ୍ନାରେ ଉଭୟ ବିଜେଡି ଓ କଂଗ୍ରେସ ପକ୍ଷରୁ ଧାରଣା, ନାରାବାଜି ଓ ଘେରାଉ କରାଯିବା ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି ।

ବିଜେଡିର ପ୍ରମୁଖ ନେତାମାନେ ବାଲେଶ୍ୱରରେ ଏକାଠି ହୋଇ ନାରାବାଜି କରିବା ସହ ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନ ଉଠାଇଥିଲେ ।

### ପୁଣି ଜୀବନ ନେଲା ଆମ ବସ୍

#### ତ୍ରିଶୂଳିଆରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ବାରଙ୍ଗ, ୧୪।୭ (ମାନିସ):** ପୁରୁଣା ବାରଙ୍ଗ ଛକ ନିକଟରେ ଆମ ବସ ଦୁର୍ଘଟଣାରେ ବାଇକ୍ ଚାଳକ ମୃତ୍ୟୁ ବରଣ କରିଛନ୍ତି। ୧୮ ନମ୍ବର ଆମ ବସ୍ ଭୁବନେଶ୍ୱର କଟକ ଅଭିମୁଖ୍ୟ ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ଯୁବକ ଜଣକ ହେଲେ କଟକ ରାଣୀ ହାଟ




ଅଂଚଳ ଭଗବାନ ପରିଡାଙ୍କ ପୁତ୍ର ଶୁଭେନ୍ଦୁ ପରିଡା । ଦୁର୍ଘଟଣା ସ୍ଥାନରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା । ଉତ୍ତେଜିତ ଲୋକେ ଉକ୍ତ ବସ୍‌ଟିକୁ ଭଙ୍ଗାରୁଜା କରିଥିଲେ । ଆମ ବସ ଚାଳକ ବେପରୁଆ ବସ ଚାଳନା ଯୋଗୁଁ ବିଭିନ୍ନ ସ୍ଥାନରେ ଏଭଳି ଦୁର୍ଘଟଣା ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ବ୍ରହ୍ମପୁରରେ ପୁଣି ମହିଳାଙ୍କୁ ଗଣଦୁଷ୍କର୍ମ

**ବ୍ରହ୍ମପୁର, ୧୪।୭:** ପୁଣି ଗଞ୍ଜାମରୁ ଆସିଛି ଏକ ଗଣଦୁଷ୍କର୍ମ ଅଭିଯୋଗ । ଗଣଦୁଷ୍କର୍ମ ନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି । ୩ ଜଣ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହେବା ସହ ଦୁଷ୍କର୍ମ ପଛରେ ସାମୀଙ୍କ ହାତ ଥିବା ମଧ ଅଭିଯୋଗ କରିଛନ୍ତି ପୀଡ଼ିତା । ଦୁଷ୍କର୍ମ ପରେ ସୁନା ଗହଣା ଲୁଟ୍ ହୋଇଛି । ଏହା ସହିତ ଶାଶୁ ଓ ଶ୍ୱଶୁରଙ୍କ ନାମରେ ମଧରେ ଅଭିଯୋଗ ହୋଇଛି । ଅଭିଯୋଗ ପାଇଁ ମହିଳା କମିଶନଙ୍କୁ ଯାଇଥିଲେ ପୀଡ଼ିତା । ତାଙ୍କୁ ଗଞ୍ଜାମ ଥାନାରେ ଅଭିଯୋଗ ପାଇଁ କୁହାଯାଇଥିଲା । ଯିବାବେଳେ ବାଟରେ ଅଚେତ ହୋଇପଡ଼ିଥିଲେ ।

| | |
|---|---|
| ସେନ୍‌ସେକ୍ସ | ୮୨,୨୫୩ |
| ନିଫ୍ଟି | ୨୫,୦୮୨ |
| ସୁନା/୧୦ଗ୍ରା | ୧,୦୦,୯୭୦ |
| ରୁପା/କିଗ୍ରା | ୧,୦୦,୨୧୦ |
| ଡଲାର | ୮୬.୦୦ |

### ପାଣିପାଗ

| | | |
|---|---|---|
| ସର୍ବାଧିକ | ଭୁବନେଶ୍ୱର: | ୩୦.୬° |
| | କଟକ: | ୩୦.୭° |
| ସର୍ବନିମ୍ନ | ଭୁବନେଶ୍ୱର: | ୨୪.୪° |
| | କଟକ: | ୨୪.୩° |

## ୨୪ ଘଣ୍ଟାରେ ରାଜ୍ୟରେ ବଡ଼ ବର୍ଷା

- ୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି
- ବନ୍ୟାଭଳି ସ୍ଥିତି ଆଣିପାରେ ଅବପାତ ବର୍ଷା



**ଭୁବନେଶ୍ୱର, ୧୪।୭:** ଅବପାତ ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। ବନ୍ୟାଜନିତ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଅବପାତଜନିତ ବର୍ଷା ବନ୍ୟାଭଳି ସ୍ଥିତି ଆଣିପାରେ। ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଆଜି ଉତର ଓଡ଼ିଶା ଓ କାଲିଠୁ ପଶ୍ଚିମ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ। କେତୋଟି ସ୍ଥାନରେ ୨୦ ସେମି ପର୍ଯ୍ୟନ୍ତ ଅତିପ୍ରବଳ ବର୍ଷା ହୋଇପାରେ। ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଅବବାହିକାରେ ପୁଣି ବର୍ଷା ହେବ। ମହାନଦୀ ଓ ବ୍ରାହ୍ମଣୀ ଅବବାହିକାରେ ମଧ ବର୍ଷା ହେବ। ଉପକୂଳରେ ପାରାଦୀପଠୁ ଆରମ୍ଭ କରି ପଶ୍ଚିମରେ ସମ୍ବଲପୁର ପର୍ଯ୍ୟନ୍ତ ବର୍ଷିବ। ସମୁଦ୍ର ଅଶାନ୍ତ ରହିଛି। ତେଣୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ମନା କରାଯାଇଛି। ପ୍ରବଳ ବର୍ଷା ସହ ସ୍ଥଳଭାଗରେ ଘଂଟାକୁ ୩୦ କିମି ବେଗରେ ପବନ ସମ୍ଭାବନା ରହିଥିବା କହିଛନ୍ତି ଆଇଏମଡି ଡିଜି।

### ମେଡିକାଲ ଛାତରୁ ଡେଇଁ ରୋଗୀ ଗୁରୁତର

**ବଲାଙ୍ଗୀର, ୧୪।୭:** ମେଡିକାଲରେ ଛାତରୁ ଡେଇଁ ଗୁରୁତର ହୋଇଛନ୍ତି ରୋଗୀ । ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବିଲଡିଂରୁ ଡେଇଁ ଜଣେ ରୋଗୀ ଗୁରୁତର ହୋଇଥିବାର ସୂଚନା ମିଳିଛି । ଫଳରେ ତାଙ୍କ ଶରୀରର କେତେକ ସ୍ଥାନରେ ଗଭୀର ଆଘାତ ଲାଗିଛି । ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତି କରାଯାଇଛି । ଖବର ନେବାରେ ଜଣାପଡିଛି ଯେ, ସେ କିଛିଦିନ ହେଲା ମାନସିକ ଦୁଶ୍ଚିନ୍ତାରେ ଥିଲେ । ଗତ ୧୨ ତାରିଖରେ ସେ ମେଡିକାଲରେ ଭର୍ତି ହୋଇଥିଲେ ।

## ପୃଥିବୀକୁ ଫେରୁଛନ୍ତି ଶୁଭାଂଶୁ ଶୁକ୍ଳା

**ନୂଆଦିଲ୍ଲୀ, ୧୪।୭:** ଭାରତର ମହାକାଶ ଅଭିଯାନରେ ଆଉ ଏକ ଐତିହାସିକ ମୁହୂର୍ତ୍ତ ଆସିବାକୁ ଯାଉଛି । ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୧୮ ଦିନ ବିତାଇବା ପରେ ପୃଥିବୀକୁ

**ମଙ୍ଗଳବାର ଅପରାହ୍ଣ ୩ଟାରେ କରିବେ ଅବତରଣ**

ଫେରିବାକୁ ଯାଉଛନ୍ତି । ତାଙ୍କର ପ୍ରତ୍ୟାବର୍ତ୍ତନ ଆକ୍ସିଅମ-୪ ମିଶନ ମାଧମରେ ଆରମ୍ଭ ହୋଇଛି । ଭାରତ ବ୍ୟତୀତ, ଏହି ମିସନ୍ ପୋଲାଣ୍ଡ ଏବଂ ହଙ୍ଗେରୀ ପାଇଁ ମଧ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ଦେଶଗୁଡ଼ିକ ଚାରି ଦଶନ୍ଧି ପରେ ମହାକାଶରେ ଅଂଶଗ୍ରହଣ କରିଥିଲେ ।

ତେବେ ସବୁ କିଛି ଠିକ୍ ରହିଲେ ଶୁଭାଂଶୁ ଶୁକ୍ଳା ଓ ତାଙ୍କ ଅନ୍ୟ ମହାକାଶଚାରୀ ସାଥୀ ଆସନ୍ତାକାଲି ମହାକାଶରୁ



ପୃଥିବୀରେ ପହଞ୍ଚିବେ । ତାଙ୍କ ଫେରିବାକୁ ସାରାଦେଶ ଓ ବିଶ୍ୱ ଉତ୍ସୁକତାର ସହ ଅପେକ୍ଷା କରିଛି । ତେବେ ପ୍ରଥମରୁ ଶୁଭାଂଶୁଙ୍କ ମହାକାଶ ଯାତ୍ରା ଏତେ ସହଜ ନଥିଲା । ଶୁଭାଂଶୁ ଇଣ୍ଟରନ୍ୟାସନାଲ ସ୍ପେସ୍ ଷ୍ଟେସନକୁ ଯିବା ଏତେ ସହଜ ହୋଇ ନଥିଲା । ଆକ୍ସିଅମ-୪ ମିସନ ବିଭିନ୍ନ ବୈଷୟିକ ତ୍ରୁଟି ଯୋଗୁ ବାରମ୍ବାର ସ୍ଥଗିତ ରହିଥିଲା । ଜୁନ୍ ୧୦ ତାରିଖରେ ଆକ୍ସିଅମ-୪ ମିସନ୍ ପାଇଁ ପ୍ରଥମେ ଦିନ ଧାର୍ଯ୍ୟ ହୋଇଥିଲା ।

### ହାଲ୍‌ଚାଲ୍



ଚବିଶି ଘଣ୍ଟାରେ ବଡ଼ ବରଷା
ପାଣିପାଗ ବିଭାଗ କହିଲା
ରାଜ୍ୟର ତିନି ଜିଲ୍ଲାକୁ
ରେଡ୍ ୱାର୍ଣ୍ଣିଂ ହୋଇଲା
ବନ୍ୟାସ୍ଥିତି ଆସିପାରେ
ସତର୍କତା ଜାରି ହୋଇଲା ।

## ଘୃଣା ସୃଷ୍ଟିକାରୀ ଭାଷଣକୁ ସହ୍ୟ କରାଯିବନାହିଁ : ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୧୪।୭:** ସୁପ୍ରିମକୋର୍ଟ ବାକ୍ ସ୍ୱାଧୀନତାକୁ ନେଇ ସୋମବାର ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି । ନାଗରିକମାନେ ନିଜ କହିବାର ଓ ବାକ୍ ସ୍ୱାଧୀନତାର ମୂଲ୍ୟ ବୁଝିବା ଦରକାର ଓ ଏହାସହ ସ୍ୱ-ନିୟନ୍ତ୍ରଣ ଓ ସଂଯମତା ପାଳନ କରିବା ଦରକାର ବୋଲି କୋର୍ଟ କହିଛନ୍ତି । ନ୍ୟାୟାଳୟ କହିଛନ୍ତି ଯେ ସୋସିଆଲ୍ ମିଡିଆରେ ବଢୁଥିବା ବିଭାଜନକାରୀ ପ୍ରବୃତ୍ତି ଉପରେ ରୋକ୍ ଲଗାଯିବା ଦରକାର । ସର୍ବୋଚ୍ଚ ଅଦାଲତ ଏହା ବି ସ୍ପଷ୍ଟ କରିଛନ୍ତି ଯେ ସେ ସେନସରଶିପ୍ କଥା କହୁନାହାନ୍ତି, ବରଂ ଲୋକେ ନିଜେ ଦାୟିତ୍ୱବାନ ହୁଅନ୍ତୁ ଓ ନିଜ କଥାରେ ସଂଯମତା ବଜାୟ ରଖନ୍ତୁ ।

ସୁପ୍ରିମକୋର୍ଟ କହିଛନ୍ତି, ରାଜ୍ୟ (ସରକାର) ଏହି ପରି ମାମଲାରେ ହସ୍ତକ୍ଷେପ କରନ୍ତୁ ବୋଲି କେହି ମଧ

**କାର୍ଯ୍ୟାନୁଷ୍ଠାନ ନେଇ କେନ୍ଦ୍ର ଓ ରାଜ୍ୟକୁ ବଡ଼ ନିର୍ଦ୍ଦେଶ**

ଚାହୁଁନାହାନ୍ତି । ଏଥିପାଇଁ ଲୋକ ନିଜେ ଦାୟିତ୍ୱ ନିଅନ୍ତୁ ଓ ସୋସିଆଲ୍ ମିଡିଆ କିମ୍ବା ଅନ୍ୟ କୌଣସି ପ୍ଲାଟଫର୍ମରେ ଏପରି କିଛି କରନ୍ତୁ ନାହିଁ, ଯାହା ଦ୍ୱାରା ସମାଜରେ ଉତ୍ତେଜନା ବଢିବ ।

ଶୀର୍ଷ ଅଦାଲତ ନାଗରିକଙ୍କ ମଧରେ ଭାଇଚାରା ଭାବନା ବଜାୟ ରଖିବା ଉପରେ ଜୋର ଦେଇଛନ୍ତି ।



ଏହାସହ କହିଥିଲେ, ଆଜିର ସମୟରେ ଯେତେବେଳେ ବିଚ୍ଛିନ୍ନତାବାଦୀ ବିଚାରଧାରା ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି, ସେତେବେଳେ ନାଗରିକମାନେ ଭାବି ବିଚାରି କହିବା ଦରକାର । ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଥିଲେ, ବାକ୍ ସ୍ୱାଧୀନତା ବିରୋଧରେ ଆମେ ନାହୁଁ, କିନ୍ତୁ ଏହା ଉପରେ ସମ୍ବିଧାନରେ ପୂର୍ବରୁ ହିଁ ଯୁକ୍ତିପୂର୍ଣ୍ଣ ସୀମା ରହିଛି ଏବଂ ଲୋକେ ଏହି ସୀମାର ପାଳନ କରିବା ଦରକାର ।

ସୁପ୍ରିମକୋର୍ଟ ଏହି ଟିପ୍ପଣୀ ଏପରି ମାମଲାର ଶୁଣାଣି ବେଳେ କରିଛନ୍ତି, ଯେଉଁଥିରେ ସୋସିଆଲ୍ ମିଡିଆ ଉପରେ ଆପତ୍ତିଜନତ ଓ ଉତ୍ତେଜନାକାରୀ ପୋଷ୍ଟକୁ ନେଇ ଚିନ୍ତା ବ୍ୟକ୍ତ କରାଯାଇଥିଲା । ଅନଲାଇନ୍ ବାକ୍ ସ୍ୱାଧୀନତା ଓ ସମାଜର ସୌହାର୍ଦ୍ଦ ମଧରେ ସନ୍ତୁଳନ ବଜାୟ ରଖିବା ପାଇଁ ଆଚାର ସଂହିତା ପ୍ରସ୍ତୁତ କରାଯିବା ଉପରେ କୋର୍ଟ ବିଚାର କରୁଛନ୍ତି ।

ହିନ୍ଦୁ ଦେବୀଙ୍କ ଉପରେ ଆପତ୍ତିଜନକ ପୋଷ୍ଟ କରିବା ଅଭିଯୋଗରେ ରୁଜୁ ଏଫଆଇଆରରୁ ଆଶ୍ୱସ୍ତି ପାଇଁ ବଜାହତ ଖାନ ଦ୍ୱାରା ଦାଖଲ ଯାଚିକା ଉପରେ କୋର୍ଟ ଶୁଣାଣି କରିଥିଲେ ।

## ସବୁ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ ହେବ

**ନୂଆଦିଲ୍ଲୀ, ୧୪।୭:** ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି)ର ତଦନ୍ତ ରିପୋର୍ଟ ପରେ, ଭାରତର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଡିଜିସିଏ କହିଛନ୍ତି ଯେ ଦେଶରେ ଚାଲୁଥିବା ସମସ୍ତ ବିମାନଗୁଡ଼ିକର ଯାଞ୍ଚ ବାଧ୍ୟତାମୂଳକ ହେବ। ବିଶେଷକରି ବିମାନର ଇଞ୍ଜିନ୍ ସ୍ୱିଚ୍ ଇନ୍ଧନ ପ୍ରଣାଳୀ ଯାଞ୍ଚ କରାଯିବ। ଏହା ସହିତ, ଏହା ମଧ କୁହାଯାଇଛି ଯେ ସମସ୍ତ ବିମାନର ଯାଞ୍ଚ ଜୁଲାଇ ୨୧ ସୁଦ୍ଧା ସମାପ୍ତ ହେବା ଉଚିତ।

ବୋଇଂ ୭୮୭, ୭୩୭ ବିମାନର ଇନ୍ଧନ ସ୍ୱିଚ୍ ଲକିଂ ସିଷ୍ଟମ ଯାଞ୍ଚ କରିବାକୁ ଡିଜିସିଏ ବିମାନ କମ୍ପାନୀଗୁଡ଼ିକୁ କହିଛନ୍ତି। ଡିଜିସିଏ କହିଛନ୍ତି ଯେ ବିମାନ କମ୍ପାନୀଗୁଡ଼ିକ ଜୁଲାଇ ୨୧ ସୁଦ୍ଧା ବୋଇଂ ୭୮୭, ୭୩୭ ବିମାନର ଇନ୍ଧନ ସ୍ୱିଚ୍ ଲକିଂ ସିଷ୍ଟମର ତଦନ୍ତ ଶେଷ କରିବା ଆବଶ୍ୟକ।

**ଡିଜିସିଏ ଦେଲେ ନିର୍ଦ୍ଦେଶ**

ସୂଚନାଯୋଗ୍ୟ ଯେ ଜୁନ ୧୨ରେ ଅହମ୍ମଦାବାଦରେ ହୋଇଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ହୋଇଥିଲା । ଏହି ଦୁର୍ଘଟଣାର ତଦନ୍ତ କରିଥିବା ଏଏଆଇବି ରିପୋର୍ଟରୁ ଜଣାପଡିଥିଲା ଯେ ଦୁର୍ଘଟଣାଗ୍ରସ୍ତ ବିମାନର ଉଭୟ ଇଞ୍ଜିନକୁ ଇନ୍ଧନ ଯୋଗାଣ ନିୟନ୍ତ୍ରଣ କରୁଥିବା ଉଭୟ ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ବନ୍ଦ ଥିଲା । ସମ୍ଭବତଃ ଏହା ହିଁ ବିମାନଟି ଦୁର୍ଘଟଣାଗ୍ରସ୍ତ କରିଥିଲା।

# ହାଲୋ ବଲିଉଡ୍



## ବହୁ ପ୍ରତିକ୍ଷିତ ଆଗାମୀ ଫିଲ୍ମ ଶୀଲାର ଫାଷ୍ଟ ଲୁକ ଆଉଟ୍

ଫ୍ୟାନ୍ସଙ୍କ ଅପେକ୍ଷାର ହେଲା ଅନ୍ତ ।ସାମ୍ନାକୁ ଆସିଲା କରନବୀର ମେହେରାଙ୍କ ବହୁ ପ୍ରତିକ୍ଷିତ ଆଗାମୀ ଫିଲ୍ମ 'ଶୀଲା'ର ଫାଷ୍ଟ ଲୁକ । ଏହି ଫିଲ୍ମର ଅଭିନେତା କରନବୀର ମେହେରା ବିଗ୍ ବସ୍ ୧୮ର ବିଜେତା ହୋଇଥିଲେ । ଏବେ ଫିଲ୍ମର ପୋଷ୍ଟରରେ ନାୟକଙ୍କର ଏକ ଦୁର୍ଦ୍ଧଶ ଅବତାର ଦେଖିବାକୁ ମିଳିବ । ଫିଲ୍ମର ପୋଷ୍ଟରଟିକୁ କରନ ବୀର ମେହେରା ନିଜେ ସୋସିଆଲ ମିଡ଼ିଆରେ ସେୟାର କରିଛନ୍ତି। 'ଶୀଲା' ଫିଲ୍ମରେ କରନବୀରଙ୍କର ଚରିତ୍ରଟି ଖୁବ ଦୁର୍ଦ୍ଧଶ ହୋଇଥିବା ବେଳେ ସେ ନିଜ ଲୁକରେ ଏକ ବଡ ପରିବର୍ତ୍ତନ ଆଣିଛନ୍ତି ।ତାଙ୍କର ଏହି ଖଳନାୟକ ଚରିତ୍ରଟି ବହୁ କିଛି ପ୍ରକାଶ କରୁଛି । କରନବୀର ମେହେରାଙ୍କ ଏହି ପୋଷ୍ଟରେ ଅନ୍ୟ ଅଭିନେତା ଓ ସହ କଳାକାରମାନେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଅଭିନେତ୍ରୀ ମୌନୀ ରାୟ ଅଭିନେତାଙ୍କ ପୋଷ୍ଟରେ କମେଣ୍ଟ କରି 'ଇଙ୍କବଚ୍ଛସଭଣ' ବୋଲି ଲେଖିଛନ୍ତି । ମେରୀ କମ୍ ଏବଂ ସର୍ବଜିତ୍ ଭଳି ସମୀକ୍ଷକଙ୍କ ଦ୍ୱାରା ପ୍ରଶଂସିତ ଚଳଚ୍ଚିତ୍ରଗୁଡ଼ିକର ନିର୍ଦ୍ଦେଶନା ଦେଇଥିବା ଓମଙ୍ଗ କୁମାର ଜୁଲାଇ ୧ ତାରିଖରେ ଆନୁଷ୍ଠାନିକ ଭାବରେ ଆଗାମୀ ଚଳଚ୍ଚିତ୍ରର ସୁଟିଂ ଆରମ୍ଭ କରିଛନ୍ତି । ଶିଳା ଚଳଚ୍ଚିତ୍ରଟି ଜି ଷ୍ଟୁଡିଓ ଅଧିନରେ ନିର୍ମିତ ହେବାକୁ ଯାଉଛି ।

# କେରଳରେ ନିପା ଭାଇରସ୍ ନେଲା ଆଉ ଜଣଙ୍କ ଜୀବନ

**ନୂଆଦିଲ୍ଲୀ:** କେରଳରେ ପୁଣି ଡରାଇଲା ନିପା ଭାଇରସ୍ । ସେପଟେ କରୋନା ଠାରୁ ମାରାତ୍ମକ ନିପା ଭାଇରସ ଭାରତର ଅଧା ରାଜ୍ୟରେ ପହଞ୍ଚି ସାରିଲାଣି । ଚଳିତ ବର୍ଷ

**ସିସିଟିଭି ଜରିଆରେ ବଢ଼ାଗଲା ଟ୍ରେସିଂ**

**ସବୁବେଳେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ**

କେରଳରେ ଏହାର ସଂକ୍ରମଣ ଅଧିକ ଦେଖିବାକୁ ମିଳିଛି । କେରଳର ପାଲକ୍କଡ ଜିଲ୍ଲାର ଜଣେ ୫୭ବର୍ଷୀୟ ବ୍ୟକ୍ତିଙ୍କର ଜୁଲାଇ ୧୨ ତାରିଖରେ ମୃତ୍ୟୁ ହୋଇଥିଲା । ସେ ନିପା ଭାଇରସରେ ସଂକ୍ରମିତ ହୋଇଥିବା ସନ୍ଦେହ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି, ସରକାର ସେହି ଅଞ୍ଚଳରେ ନଜର ରଖିବା ସହିତ ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରିଛନ୍ତି। ତାଙ୍କ ନମୁନା ପରୀକ୍ଷା




କରାଯାଇଥିଲା, ଯେଉଁଠାରେ ନିପା ଭାଇରସ ସଂକ୍ରମଣର ପ୍ରାରମ୍ଭିକ ଲକ୍ଷଣ ମିଳିଥିଲା। ସେ କହିଛନ୍ତି ଯେ ସରକାର ପୁଣେର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିରୁ ନିଶ୍ଚିତକରଣ ପାଇଁ ଅପେକ୍ଷା କରିଛି।

ଗତ କିଛି ଦିନ ମଧ୍ୟରେ କେରଳରେ ନିପା ଭାଇରସ ଯୋଗୁଁ ମୃତ୍ୟୁର ଏହା ଦ୍ୱିତୀୟ ଘଟଣା। ମଲାପ୍ପୁରମର ଜଣେ ବାସିନ୍ଦା ସଂକ୍ରମଣରେ ମୃତ୍ୟୁବରଣ କରିଥିଲେ। ଯେତେବେଳେ ପାଲକ୍କଡ ଜିଲ୍ଲାର ଆଉ ଜଣେ ରୋଗୀ ଏବେ ବି ହସ୍ପିଟାଲରେ ଅଛନ୍ତି। ନୂତନ ମାମଲାକୁ ଦୃଷ୍ଟିରେ ରଖି, ସରକାର ଅଞ୍ଚଳର ସନ୍ଦିଗ୍ଧ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ କରୁଛନ୍ତି। ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ୪୬ ଜଣଙ୍କ ତାଲିକା ପ୍ରସ୍ତୁତ କରାଯାଇଛି। ସମ୍ପର୍କିତ ଲୋକଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଏବଂ ମୋବାଇଲ୍ ଟାୱାର ଲୋକେସନ୍ ଡାଟା ବ୍ୟବହାର କରାଯାଉଛି। ସ୍ୱାସ୍ଥ୍ୟ ଦଳ ଗୁଡ଼ିକ ଅନ୍ୟ ଲୋକଙ୍କ ମଧ୍ୟରେ କୌଣସି ସମ୍ଭାବ୍ୟ ଲକ୍ଷଣ ଚିହ୍ନଟ କରିବା ପାଇଁ ଅଞ୍ଚଳ ଉପରେ ନଜର ରଖିଛନ୍ତି।

ରୋଗୀ ଏବଂ ସେମାନଙ୍କ ପରିବାର ସମେତ ସ୍ୱାସ୍ଥ୍ୟ କର୍ମୀ ଏବଂ ହସ୍ପିଟାଲ ପରିଦର୍ଶକଙ୍କ ପାଇଁ ସବୁବେଳେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ। ଏହି ସମୟରେ, ସ୍ୱାସ୍ଥ୍ୟ ମନ୍ତ୍ରୀ ଛଅଟି ଜିଲ୍ଲାର ହସ୍ପିଟାଲ ଗୁଡ଼ିକୁ ନିପା ସତର୍କତା ଜାରି କରିଛନ୍ତି। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ପାଲକ୍କଡ, ମାଲାପ୍ପୁରମ, କୋଝିକୋଡ, କନ୍ନୁର, ୱାୟାନାଡ ଏବଂ ତ୍ରିସୁର ହସ୍ପିଟାଲ ଗୁଡ଼ିକୁ ଜ୍ୱର ଏବଂ ନିପା ଏନସେଫାଲାଇଟିସ୍ ଏବଂ ଉଚ୍ଚ ଜ୍ୱରର ଲକ୍ଷଣ ଥିବା ଯେକୌଣସି ରୋଗୀଙ୍କୁ ତୁରନ୍ତ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

**ଘନିଷ୍ଠ ବନ୍ଧୁରୁ ପାଲଟିଗଲେ ଶତ୍ରୁ**

# ପରସ୍ପରକୁ ଛୁରୀ ଭୁସି କଲେ ହତ୍ୟା

**ନୂଆଦିଲ୍ଲୀ:** ସାମାନ୍ୟ ଯୁକ୍ତିତର୍କ କେତେ ଭୟଙ୍କର ହୋଇପାରେ ! ଘନିଷ୍ଠ ବନ୍ଧୁରୁ ପାଲଟିଗଲେ ଶତ୍ରୁ। ଭୁଲିଗଲା ସମ୍ପର୍କ ଏବଂ ମାନବିକତା। ଦିଲ୍ଲୀର ତିଲକ ନଗର ପୋଲିସ ଷ୍ଟେସନ ଅଞ୍ଚଳରେ ଡବଲ ମର୍ଡରକୁ ନେଇ ଚାଞ୍ଚଲ୍ୟ। ଦୁଇ ପ୍ରିୟ ବନ୍ଧୁ ପରସ୍ପରକୁ ହତ୍ୟା କରିଛନ୍ତି। ଦୁଇ ବନ୍ଧୁ ପରସ୍ପରକୁ ଛୁରୀରେ ଆକ୍ରମଣ କରିଥିଲେ ଯେଉଁଥିରେ ଉଭୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଘଟଣାଟି ଖୟାଲା ପୋଲିସ ଷ୍ଟେସନ ନିକଟରେ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।




ମୃତକଙ୍କ ନାମ ସନ୍ଦୀପ ଏବଂ ଆରିଫ୍ ବୋଲି ଚିହ୍ନଟ କରାଯାଇଛି। ଦୁହେଁ ଖୟାଲା ବି ବ୍ଲକର ବାସିନ୍ଦା ଥିଲେ। ଉଭୟ ପରିବାର ଗୋଟିଏ ରାସ୍ତାରେ ରୁହନ୍ତି। ଦୁହେଁ ବିବାହିତ ଥିଲେ ଏବଂ ଦୁହିଁଙ୍କର ସନ୍ତାନ ମଧ୍ୟ ଅଛନ୍ତି। ପୋଲିସ କହିଛି ଯେ ଦୁହେଁ ଘନିଷ୍ଠ ବନ୍ଧୁ ଥିଲେ। ସନ୍ଦୀପ ବିଲ୍ଡିଂ ବ୍ୟବସାୟରେ ଥିଲେ। ଖିଆଲାରେ ଜିନ୍ ପ୍ରଶିକ୍ଷକ ଭାବରେ ମଧ୍ୟ କାମ କରିଥିଲେ। ଘଟଣା ସମୟରେ ଦୁହେଁ ଏକ ପାର୍କରେ ଥିଲେ।

ହତ୍ୟାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଏବଂ ପୋଲିସ ପରିବାର ସଦସ୍ୟଙ୍କ ସହ କଥା ହୋଇ କାରଣ ଜାଣିବାକୁ ଚେଷ୍ଟା କରୁଛି। ତଥାପି, ଉଭୟ ପରିବାରର କେହି କଥା ହେବାକୁ ପ୍ରସ୍ତୁତ ନାହାଁନ୍ତି। ପୋଷ୍ଟମର୍ଟମ ପାଇଁ ଉଭୟଙ୍କ ମୃତଦେହକୁ ଦୀନ ଦୟାଲ ଉପାଧ୍ୟାୟ ହସ୍ପିଟାଲକୁ ପଠାଯାଇଛି।

ଆପଣଙ୍କୁ କହି ରଖୁଛୁ ଯେ ମାତ୍ର ଗୋଟିଏ ସପ୍ତାହ ପୂର୍ବରୁ ଦିଲ୍ଲୀର ମଜନୁ କା ଟିଲା ଅଞ୍ଚଳରେ ଏକ ଡବଲ୍ ମର୍ଡର ମାମଲା ସାମ୍ନାକୁ ଆସିଥିଲା। ଏଠାରେ ଜଣେ ମହିଳା ଏବଂ ତାଙ୍କ ୬ ମାସର ଝିଅକୁ ଛୁରି ଭୁସି ହତ୍ୟା କରାଯାଇଛି। ମୃତ ମହିଳାଙ୍କ ନାମ ସୋନାଲ ହୋଇଥିବା ବେଳେ ଝିଅଟିର ନାମ ଯାଶିକା ବୋଲି ଜଣାପଡ଼ିଛି। ମାମଲାର ତଦନ୍ତ ଏବେ ବି ଚାଲିଛି।

## ଅସୀମ ଘୋଷ ହରିୟାଣା, ପି ଗଜପତି ରାଜୁ ଗୋଆର ରାଜ୍ୟପାଳ ନିଯୁକ୍ତ



**ନୂଆଦିଲ୍ଲୀ, ୧୪।୭:** ପ୍ରଫେସର ଅସୀମ କୁମାର ଘୋଷଙ୍କୁ ହରିୟାଣାର ଓ ପି. ଅଶୋକ ଗଜପତି ରାଜୁଙ୍କୁ ଗୋଆର ରାଜ୍ୟପାଳ ଭାବରେ ନିଯୁକ୍ତ କରାଯାଇଛି। ସେହିପରି, ଜମ୍ମୁ-କଶ୍ମୀରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ କବିନ୍ଦ୍ର ଗୁପ୍ତାଙ୍କୁ କେନ୍ଦ୍ରଶାସିତ ପ୍ରଦେଶ ଲଦାଖର ଉପରାଜ୍ୟପାଳ ଭାବରେ ନିଯୁକ୍ତ କରାଯାଇଛି। ରାଷ୍ଟ୍ରପତି ସଚିବାଳୟ ସୋମବାର ଜଣାଇଛି ଯେ ରାଷ୍ଟ୍ରପତି ଲଦାଖର ଉପରାଜ୍ୟପାଳ ପଦରୁ ବ୍ରିଗେଡିୟର (ଅବସରପ୍ରାପ୍ତ) ବି.ଡି. ମିଶ୍ରାଙ୍କ ଇସ୍ତଫା ସ୍ୱୀକାର କରିଛନ୍ତି।

# ଲଣ୍ଡନରେ ଉଡ଼ାଣ ଭରୁ ଭରୁ ବିମାନ ଦୁର୍ଘଟଣା



**ଲଣ୍ଡନ:** ପୁଣି ହେଲା ବିମାନ ଦୁର୍ଘଟଣା । ଉଡାଣ ଭରୁ ଭରୁ ଆକାଶରେ ହେଲା ଅଘଟଣ । ଦୁର୍ଘଟଣା ପରେ ବିସ୍ଫୋରଣରେ ପୂରା ଜଳିଗଲା ବିମାନ । ଏଭଳି ଏକ ଖବର ଲଣ୍ଡନରୁ ଆସିଥିବା ବେଳେ ବିମାନ ଯାତ୍ରାକୁ ନେଇ ଏବେ ଯାତ୍ରୀଙ୍କ ମନରେ ଛନକା ପଶିଛି । ତେବେ ଲଣ୍ଡନ ସାଉଥଏଣ୍ଡ ଏୟାରପୋର୍ଟ ନିକଟରେ ଏକ ଛୋଟ ବିମାନ ଦୁର୍ଘଟଣା ହୋଇଛି । ରବିବାର ଅପରାହ୍ନ ୪ଟା ବେଳେ ଏହି ବିମାନ ଦୁର୍ଘଟଣା ହୋଇଥିବା ଜଣାପଡିଛି । ଯାତ୍ରୀବାହୀ ବିମାନ-ବିଚ୍ ବି୨୦୦ ସୁପର କିଙ୍ଗ୍ ଏୟାର ବିମାନବନ୍ଦରରୁ ଉଡାଣ ଭରିବା ପରେ ପରେ ହିଁ ଦୁର୍ଘଟଣାର ଶିକାର ହୋଇ ଖସି ପଡିଛି । ଆଉ ଦୁର୍ଘଟଣା ପରେ ନୀଳ ଆକାଶରେ କଳା ଧୂଆଁ ଖେଳିଯିବା ସହ ଏକ ବିରାଟ ଅଗ୍ନିପିଣ୍ଡୁଳା ଉପରକୁ ଉଠୁଥିବାର ଦୃଶ୍ୟ

**ଆକାଶକୁ ଉଠିଲା ଅଗ୍ନିପିଣ୍ଡୁଳା, ଚାରିଆଡ଼େ ଖେଳିଗଲା କଳା ଧୂଆଁ**

ସାମ୍ନାକୁ ଆସିଛି । ଯାହା ସୋସିଆଲ ମିଡିଆରେ ଭାଇରାଲ ହେଉଛି ।

ତେବେ ବିମାନଟି ନେଦରଲ୍ୟାଣ୍ଡ ଯାଉଥିବା ବେଳେ ବିମାନରେ ମୋଟ ୧୩ ଯାତ୍ରୀ ଥିଲେ, କ୍ରିୟୁ ସଦସ୍ୟଙ୍କ ସହ ମୋଟ ୧୫ ଜଣ ବିମାନରେ ସବାର ହୋଇଥିଲେ । ସେପଟେ ଗତ ଜୁନ ୧୨ ତାରିଖରେ ସେହି ଲଣ୍ଡନ ଅଭିମୁଖେ ଅହମଦାବାଦରୁ ଏୟାର ଇଣ୍ଡିଆର ବିମାନ ଉଡାଣ ଭରିଥିଲା ଯାହାର ଇଞ୍ଜିନ ଫେଲ ହେବା କାରଣରୁ ଦୁର୍ଘଟଣାର ଶିକାର ହୋଇ ଜଳିଯାଇଥିଲା ।

# ଟ୍ରକ ଧକ୍କାରେ ପୁଅ ମୃତ, ବାପ ଝିଅ ଗୁରୁତର

**ସୁବର୍ଣ୍ଣପୁର:** ଗତ ରାତି ପ୍ରାୟ ୯ଘଂଟା ସମୟରେ ବିନିକା-ସୋନପୁର ମୁଖ୍ୟ ରାସ୍ତାର ବିନିକା ନିକଟ ଗଣ୍ଡା ମେହେର ପୋଳ ନିକଟରେ ଟ୍ରକ ଧକ୍କାରେ ଘଟଣାସ୍ଥଳ ରେ ପୁଅ ମୃତ ହୋଇଥିବା ବେଳେ ବାପ ଝିଅ ଗୁରୁତର ଆହତ ହେବା ଭଳି ଅଭାବନୀୟ ଘଟଣା ଘଟିଛି । ମୃତକ ହେଲେ ବିନିକା ସହର ନୂଆପଡାର ଘୁଂଡୁଗୋପାଳ ମେହେର(୩୫), ଆହତ ହେଲେ ତାଙ୍କ ବାପା ବିଦ୍ୟା ମେହେର (୬୬) ଏବଂ ଭଉଣୀ ଯଶୋବନ୍ତି ମେହେର(୨୦) । ସୂଚନା ଅନୁସାରେ ଉଭୟ ୩ ଜଣ ଏକ ବାଇକ ଯୋଗେ ସାଗରପାଲି ତାଙ୍କର ସମ୍ପର୍କୀୟ ଘରକୁ ଯାଇଥିଲେ । ସେଠାରୁ ଫେରୁଥିବା ସମୟରେ ରାତ୍ର ପ୍ରାୟ ୮.୩୦ ସମୟରେ ଗଣ୍ଡାମେହେର ପୋଲ ନିକଟରେ ବିନିକା ପଟରୁ ଯାଉଥିବା ଏକ ଅଜଣା ଟ୍ରକ ସେମାନଙ୍କୁ ଧକ୍କା ଦେଇ ଘୁଂଡୁଗୋପାଳ ଉପରକୁ ଟ୍ରକଟି ଚଢି ଯାଇଥିଲା ।ଟ୍ରକ ଦୁର୍ଘଟଣା ଘଟାଇ ଫେରାର ମାରିଛି । ଘଟଣାସ୍ଥଳରେ ହିଁ ଘୁଂଡୁଗୋପାଳଙ୍କ ମୃତ୍ୟୁ ଘଟିଛି । ବିଦ୍ୟା ଏବଂ ଯଶୋବନ୍ତିଙ୍କୁ ବିନିକା ଡାକ୍ତରଖାନାକୁ ଆଣି ଚିକିତ୍ସା କରାଯାଉଛି । ବିନିକା ପୁଲିସ ପହଂଚି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଶବ ଜବତ କରି ଆମ୍ବୁଲାନ୍ସ ଯୋଗେ ବିନିକା ଡାକ୍ତରଖାନାକୁ ନିଆ ଯାଇଛି । ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ।

# ପୁଟିନଙ୍କ ଉପରେ ବର୍ଷିଲେ ଟ୍ରମ୍ପ

**ନ୍ୟୁ ଜର୍ସିରେ ଫିଫା ବିଶ୍ୱକପ୍ ଫାଇନାଲରୁ ଫେରିବା ପରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଟ୍ରମ୍ପ କହିଛନ୍ତି ଯେ,ମୁଁ ରାଷ୍ଟ୍ରପତି ପୁଟିନଙ୍କ ଉପରେ ବହୁତ ନିରାଶ। ସେ ଭଲ କଥା କୁହନ୍ତି। ସେ କଥା କହିବାରେ ବିଶେଷଜ୍ଞ କିନ୍ତୁ ସେ ରାତିର ଅନ୍ଧାରରେ ଲୋକଙ୍କ ଉପରେ ବୋମା ଫୋପାଡ଼ନ୍ତି। ଆମେ ଏହାକୁ ପସନ୍ଦ କରୁନାହୁଁ।**



**ନୂଆଦିଲ୍ଲୀ,:** ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ପୁଟିନଙ୍କ ଉପରେ ବର୍ଷିଛନ୍ତି। ନିଜର ଅସନ୍ତୋଷ ପ୍ରକାଶ କରି ଟ୍ରମ୍ପ କହିଛନ୍ତି ଯେ,ସେ କେବଳ ଭଲ କଥା କୁହନ୍ତି, କିନ୍ତୁ ରାତିର ଅନ୍ଧାରରେ ଲୋକଙ୍କ ଉପରେ ବୋମା ଫୋପାଡ଼ନ୍ତି।

ନ୍ୟୁ ଜର୍ସିରେ ଫିଫା ବିଶ୍ୱକପ୍ ଫାଇନାଲରୁ ଫେରିବା ପରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଟ୍ରମ୍ପ କହିଛନ୍ତି ଯେ,ମୁଁ ରାଷ୍ଟ୍ରପତି ପୁଟିନଙ୍କ ଉପରେ ବହୁତ ନିରାଶ। ସେ ଭଲ କଥା କୁହନ୍ତି। ସେ କଥା କହିବାରେ ବିଶେଷଜ୍ଞ କିନ୍ତୁ ସେ ରାତିର ଅନ୍ଧାରରେ ଲୋକଙ୍କ ଉପରେ ବୋମା ଫୋପାଡ଼ନ୍ତି। ଆମେ ଏହାକୁ ପସନ୍ଦ କରୁନାହୁଁ। ସେହିପରି ଯେତେବେଳେ ଟ୍ରମ୍ପଙ୍କୁ ପଚରାଗଲା ଯେ ଆମେରିକା ୟୁକ୍ରେନକୁ କି ସାହାଯ୍ୟ ଯୋଗାଇବାକୁ ଯାଉଛି। ଏନେଇ ଟ୍ରମ୍ପ କହିଥିଲେ ଯେ, ଆମେ ୟୁକ୍ରେନକୁ ପେଟ୍ରିଅଟ ମିସାଇଲ ପଠାଇବାକୁ ଯାଉଛୁ ଯାହା ସେମାନଙ୍କୁ ନିତ୍ୟାନ୍ତ ଆବଶ୍ୟକ। ତେବେ ପେଟ୍ରିଅଟ ହେଉଛି ଆମେରିକାର ସର୍ବୋତ୍ତମ ବାୟୁ ପ୍ରତିରକ୍ଷା ପ୍ରଣାଳୀ। ବୈଠକ ସମୟରେ ୟୁକ୍ରେନର ରାଷ୍ଟ୍ରପତି ଟ୍ରମ୍ପଙ୍କଠାରୁ ଏହା ଦାବି କରିଥିଲେ। ଯଦିଓ ଏହି ସମୟରେ ଟ୍ରମ୍ପ ୟୁକ୍ରେନକୁ କେତେ ପେଟ୍ରିଅଟ ପଠାଯିବ ତାହା କହି ନଥିଲେ, କିନ୍ତୁ ସ୍ପଷ୍ଟ କରିଥିଲେ ଯେ ଆମେରିକା ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଇବ।

ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ, ସ୍ପଷ୍ଟ କରିଦେଇଥିଲେ ଯେ ରଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ରୋକିବା ତାଙ୍କର ପ୍ରାଥମିକତା। ସେ ଏହି କ୍ଷେତ୍ରରେ ପ୍ରୟାସ ମଧ୍ୟ କରିଥିଲେ। ଟ୍ରମ୍ପ ପୁଟିନଙ୍କ ସହ ସିଧାସଳଖ ଅନେକ ଥର କଥା ହୋଇଥିଲେ। ଅନେକ ଥର ଦୁଇ ନେତା ଗୋଟିଏ ଘଣ୍ଟା ପାଇଁ ଫୋନ୍‌ରେ କଥା ହୋଇଥିଲେ। ଏହି ସମୟ ମଧ୍ୟରେ ଟ୍ରମ୍ପ ତାଙ୍କର ସତନ୍ତ୍ର ଦୂତଙ୍କୁ ମସ୍କୋ ମଧ୍ୟ ପଠାଇଥିଲେ, କିନ୍ତୁ ତଥାପି ଦୁଇ ନେତା ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ରାଜି ହୋଇପାରିଲେ ନାହିଁ। ପ୍ରକୃତରେ,ରଷ ରାଷ୍ଟ୍ରପତି କହିଛନ୍ତି ଯେ ସେ କେବେ ଚାହାଁନ୍ତି ନାହିଁ ଯେ ୟୁକ୍ରେନ ନାଟୋରେ ସାମିଲ ହେଉ। ତଥାପି, ଆଲୋଚନା ସମୟରେ ୟୁକ୍ରେନ ରୁଷିଆର ସବୁଠାରୁ ବଡ଼ ଏୟାରବେସ ଉପରେ ଆକ୍ରମଣ କରିଥିଲା, ଯେଉଁଥିରେ ଅନେକ ଲଢୁଆ ବିମାନ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏସ-୪୦୦ ନଷ୍ଟ ହୋଇଯାଇଥିଲା। ସେବେଠାରୁ, ପୁଟିନ ୟୁକ୍ରେନ ବିରୁଦ୍ଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ଆସୁଛନ୍ତି ଏବଂ କିଭ ଉପରେ ନିରନ୍ତର କ୍ଷେପଣାସ୍ତ୍ର ମାଡ଼ କରୁଛନ୍ତି। ଏହି ଆକ୍ରମଣ ପରେ, ଯୁଦ୍ଧବିରତି ସମ୍ପର୍କରେ ଆଲୋଚନା ଆଗକୁ ବଢ଼ିପାରିନାହିଁ।

**ନିର୍ବାଚନ ପୂର୍ବରୁ ନୀତୀଶ କୁମାରଙ୍କ ବଡ଼ ଘୋଷଣା**

# ୫ ବର୍ଷ ମଧ୍ୟରେ ୧ କୋଟି ଚାକିରି ଦେବେ ସରକାର

**ପାଟନା:** ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନୀତୀଶ ସରକାର ଏକ ବଡ଼ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି ଯେ, ବିହାର ସରକାର ଆଗାମୀ ପାଞ୍ଚ ବର୍ଷ (୨୦୨୫ ରୁ ୨୦୩୦ ପର୍ଯ୍ୟନ୍ତ) ମଧ୍ୟରେ ଏକ କୋଟି ଯୁବକଙ୍କୁ ସରକାରୀ ଚାକିରି ଏବଂ ନିଯୁକ୍ତି ଯୋଗାଇବେ । ୨୦୨୦-୨୫ ଲକ୍ଷ୍ୟକୁ ଦ୍ୱିଗୁଣିତ କରିବ। ଏଥିପାଇଁ ଘରୋଇ କ୍ଷେତ୍ରରେ, ବିଶେଷକରି ଶିଳ୍ପ କ୍ଷେତ୍ରରେ ମଧ୍ୟ ନୂତନ ଚାକିରି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବ । ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଉଛି ।



ଏନେଇ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସୋସିଆଲ ମିଡିଆ ପ୍ଲାଟଫର୍ମ ଉପରେ ପୋଷ୍ଟ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୋଷ୍ଟରେ ଲେଖିଛନ୍ତି, 'ଆରମ୍ଭ ଆମର ଚିନ୍ତାଧାରା ଥିଲା ଯେ, ରାଜ୍ୟର ସର୍ବାଧିକ ସଂଖ୍ୟକ ଯୁବକ ଯୁବତୀ ସରକାରୀ ଚାକିରି ଏବଂ ନିଯୁକ୍ତି ପାଇବା ଉଚିତ । ୨୦୦୫ ରୁ ୨୦୨୦ ମଧ୍ୟରେ ରାଜ୍ୟରେ ୮ ଲକ୍ଷରୁ ଅଧିକ ଯୁବକ ଯୁବତୀଙ୍କୁ ସରକାରୀ ଚାକିରି ଦିଆଯାଇଥିଲା। ରାଜ୍ୟର ଯୁବକ ଯୁବତୀମାନଙ୍କୁ ସରକାରୀ ଚାକିରି ଏବଂ ନିଯୁକ୍ତି ପ୍ରଦାନର ଗତିକୁ ଆହୁରି ବୃଦ୍ଧି କରିବା ପାଇଁ, ୨୦୨୦ ରେ ଆମେ ସୁଶାସନ କାର୍ଯ୍ୟକ୍ରମରେ ୧୦ ଲକ୍ଷ ଯୁବକ ଯୁବତୀଙ୍କୁ ସରକାରୀ ଚାକିରି ଏବଂ ୧୦ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେଇଥିଲୁ ।'

ସେ ଆହୁରି ଲେଖିଛନ୍ତି, ଏହାକୁ ଅଗଷ୍ଟ ୨୦୨୫ ସୁଦ୍ଧା ୧୨ ଲକ୍ଷ ଯୁବକ ଯୁବତୀଙ୍କୁ ସରକାରୀ ଚାକିରି ଏବଂ ୩୮ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେବାର ଲକ୍ଷ୍ୟକୁ ବୃଦ୍ଧି କରାଯାଇଥିଲା । ମୋଟ ୫୦ ଲକ୍ଷ ଚାକିରି/ନିଯୁକ୍ତି ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଥିଲା। ମୁଁ ଖୁସିର ସହିତ ଜଣାଇବାକୁ ଚାହୁଁଛି ଯେ, ରାଜ୍ୟରେ ଏପର୍ଯ୍ୟନ୍ତ ୧୦ ଲକ୍ଷ ଯୁବକ ଯୁବତୀଙ୍କୁ ସରକାରୀ ଚାକିରି ଦିଆଯାଇଛି ଏବଂ ପ୍ରାୟ ୩୯ ଲକ୍ଷ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି । ୫୦ ଲକ୍ଷରୁ ଅଧିକ ଯୁବକଙ୍କୁ ସରକାରୀ ଚାକିରି / ନିଯୁକ୍ତି ପ୍ରଦାନ କରିବାର ଲକ୍ଷ୍ୟ ନିଶ୍ଚିତ ଭାବରେ ହାସଲ କରାଯିବ।'

ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି, 'ରାଜ୍ୟର ଯୁବକମାନଙ୍କୁ ଆତ୍ମନିଯୁକ୍ତି ସହିତ ଯୋଡ଼ିବା ପାଇଁ ଦକ୍ଷତା ବିକାଶ ତାଲିମ ମଧ୍ୟ ଦିଆଯାଉଛି। ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଯୁବପିଢ଼ିଙ୍କ ଦକ୍ଷତା ବିକାଶ ପାଇଁ ଚାଲିଥିବା କାର୍ଯ୍ୟକ୍ରମକୁ ବିସ୍ତାର କରାଯିବ। ଆଗାମୀ ସମୟରେ, ଦକ୍ଷତା ବିକାଶ ପାଇଁ ଏକ ଦକ୍ଷତା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ଏହାକୁ ବିହାରର ଗର୍ବ ଭାରତ ରତ୍ନ ଜନନାୟକ କର୍ପୁରୀ ଠାକୁର ଜୀଙ୍କ ନାମରେ ଜନନାୟକ କର୍ପୁରୀ ଠାକୁର ସ୍କିଲ୍ ୟୁନିଭର୍ସିଟି ନାମରେ ନାମିତ କରାଯିବ । ଏହା ଦ୍ୱାରା ରାଜ୍ୟର ଯୁବକମାନେ ଦକ୍ଷତା ବିକାଶର ଏକ ନୂତନ ଦିଗ ପାଇପାରିବେ।'

## ରାଶିଫଳ

**ମେଷ :** ଦିବା ୧୦ଟା ୦୩ ମିନିଟ୍ ପରେ ଅଷ୍ଟମ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଶାରୀରିକ ପୀଡ଼ା ଭୋଗିବେ । ମନରେ ବିରକ୍ତି ଭାବ ଓ ଚିଡ଼ିଚିଡ଼ାପଣ ପ୍ରକାଶ ପାଇବ ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ବିବାଦୀୟ ହେବ ।

**ବୃଷ :** ଦିବା ୧୦ଟା ୦୩ ମିନିଟ୍ ପର୍ଯ୍ୟନ୍ତ ଘାତଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ମନରେ ଅସ୍ଥିରତା, ପରିବାରରେ ମତାନ୍ତର, ବାଣିଜ୍ୟ, ବ୍ୟବସାୟରେ ସ୍ୱଳ୍ପ ଆୟ ଏବଂ କର୍ମରେ ପରିଶ୍ରମ ତୁଳନାରେ ସଫଳତା ମିଳିବ ନାହିଁ ।

**ମିଥୁନ :** ଦିବା ୧୦ଟା ୦୩ ମିନିଟ୍ ପରେ ପଞ୍ଚମ ଚନ୍ଦ୍ର, ଅପରାହ୍ଣ ୧୨ଟା ୪୦ ମିନିଟ୍ ପରେ ଘାତ ନକ୍ଷତ୍ରଯୋଗୁମାନ, ସମ୍ମାନ ହାନି, ମାନସିକ ଦୁଶ୍ଚିନ୍ତା, ପରିବାରରେ ମତାନ୍ତର ଏବଂ ଇତରଜନ ଠାରୁ ଅପମାନ ପାଇବେ ।

**କର୍କଟ :** ତୃତୀୟ ଓ ଚତୁର୍ଥ ଚନ୍ଦ୍ରଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ଭୂମି ଓ ଯାନବାହନ କ୍ରୟ କରିବେ । ଧନ, ସମ୍ପଦ ବୃଦ୍ଧି ପାଇବ । ମନରେ ଉନ୍ନତ ଚିନ୍ତାଧାରା ଏବଂ ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତି ମୂଳକ କର୍ମରେ ଧ୍ୟାନ ଅଧିକ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ।

**ସିଂହ :** ଦିବା ୧୦ଟା ୦୩ ମିନିଟ୍ ପର୍ଯ୍ୟନ୍ତ ଦ୍ୱିତୀୟ ଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ବାଣିଜ୍ୟ, ବ୍ୟବସାୟରେ କ୍ଷତି ଏବଂ କର୍ମରେ ବିଫଳତାର ସାମ୍ନା କରିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ କର୍ମରେ ଆଶା ଠାରୁ ଅଧିକ ସଫଳତା ମିଳିବ ।

**କନ୍ୟା :** ଦିବା ୧୦ଟା ୦୩ ମିନିଟ୍ ପର୍ଯ୍ୟନ୍ତ ଶ୍ରୀଚନ୍ଦ୍ର ଯୋଗୁ ସେସମୟ ପର୍ଯ୍ୟନ୍ତ ବାଣିଜ୍ୟ, ବ୍ୟବସାୟରେ ସ୍ୱଳ୍ପ ଆୟ, କର୍ମରେ ସଫଳତା, ମନରେ ପ୍ରସନ୍ନତା ଓ ସମସ୍ତଙ୍କ ଶ୍ରଦ୍ଧାର ପାତ୍ର ହେବେ । ଏହା ପରେ ଦ୍ୱିତୀୟଚନ୍ଦ୍ର ଯୋଗୁ ମନରେ ଅସ୍ଥିରତା ଦେଖାଦେବ ।

**ତୁଳା :** ଦ୍ୱାଦଶ ଚନ୍ଦ୍ର ଏବଂ ଶ୍ରୀଚନ୍ଦ୍ର ଯୋଗୁ ଧନ, ମାନ, ସମ୍ମାନ, ସ୍ୱଜନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ଖର୍ଚ୍ଚ ଅପେକ୍ଷା ସଞ୍ଚୟରେ ଅଧିକ ଆଗ୍ରହ ରହିବ ଏବଂ ପରିବାର ସହ କୌଣସି ବୈବାହିକ କର୍ମରେ ଯୋଗ ଦେବେ ।

**ବିଛା :** ଏକାଦଶ ଚନ୍ଦ୍ର ଓ ଦ୍ୱାଦଶ ଚନ୍ଦ୍ରଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଧନର ସତ୍ ବିନିଯୋଗ କରିବେ । ଧନ, ସମ୍ପଦ ବୃଦ୍ଧି ପାଇବ ଏବଂ ଆୟର ନୂତନ ମାର୍ଗ ଖୋଲିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ତୁଳନାରେ ବ୍ୟୟ ବହୁତ କମ୍ ରହିବ ଏବଂ ଆୟର କିଛି ଅଂଶ ସଞ୍ଚୟରେ ବିନିଯୋଗ କରିବେ । ଯେଉଁ ମାନଙ୍କର ବିଶାଖା ଓ ଜ୍ୟେଷ୍ଠା ବିଛା, ସେମାନେ ସୁଫଳ ପାଇବେ

। **ଧନୁ :** ଦଶମ ଓ ଏକାଦଶ ଚନ୍ଦ୍ର ଏବଂ ମଙ୍ଗଳଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ଭାଗ୍ୟରେ, କର୍ମରେ ଓ ଆର୍ଥିକ ଅବସ୍ଥାରେ ଉନ୍ନତି ଆସିବ । ମୂଲ୍ୟବାନ ଧାତୁ, ଭୂମି ଓ ଯାନବାହନ କ୍ରୟ କରିବେ । ଯେଉଁ ମାନଙ୍କର ପୂର୍ବାଷାଢ଼ା ଧନୁ, ସେମାନେ ଉପକୃତ ହେବେ ।

**ମକର :** ଘାତବାର ଏବଂ ଦିବା ୧୦ଟା ୦୩ ମିନିଟ୍ ପର୍ଯ୍ୟନ୍ତ ନବମ ଚନ୍ଦ୍ର ଓ ପରେ ଦଶମଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷଓ ଆତ୍ମତୃପ୍ତି ମିଳିବ ନାହିଁ । ଯେଉଁ ମାନଙ୍କର ଶ୍ରବଣା ମକର, ସେମାନେ ଉପକୃତ ହେବେ ।

**କୁମ୍ଭ :** ଅଷ୍ଟମ ଓ ନବମ ଚନ୍ଦ୍ରଯୋଗୁ ବାଦ ବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ରାଜନୈତିକ ବ୍ୟକ୍ତିଙ୍କ ସହ କଥାବାର୍ତ୍ତା ଏବଂ ଯାନବାହନ ଆରୋହଣ କାଳରେ ସତର୍କ ହେବେ । ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ବିବାଦୀୟ ହେବ ।

**ମୀନ :** ଦିବା ୧୦ଟା ୦୩ ମିନିଟ୍ ପରେ ଅଷ୍ଟମ ଚନ୍ଦ୍ର ଯୋଗୁ ଧନ କ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ ଏବଂ ଶାରୀରିକ ପୀଡ଼ା ଭୋଗିବେ । ଉଚିତ୍ କର୍ମରୁ ବିଚ୍ୟୁତ ହୋଇ ଅନୁଚିତ୍ କର୍ମରେ ଆଗ୍ରହ ରଖିବେ ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତି ଦେଖା ଦେବ ।

ମାତୃଭାଷା



# ଶ୍ରୀ ଗ୍ରାମେଶ୍ୱର ମହାଦେବ ମନ୍ଦିର



**ଜଗତସିଂହପୁର ଜିଲ୍ଲାର କେତୋଟି ପ୍ରାଚୀନ ମନ୍ଦିରମାନଙ୍କ ମଧ୍ୟରେ ପଞ୍ଚପଲ୍ଲୀର ଗ୍ରାମେଶ୍ୱର ମହାଦେବଙ୍କ ପ୍ରସିଦ୍ଧି ସୁଦୂର ପ୍ରସାରୀ । ଗଜପତି ମାନଙ୍କ ଶାସନକାଳରେ ବିଷ୍ଣୁନପୁର ବା ବିଷ୍ଣୁପୁର ଏକ କରଦ ରାଜ୍ୟ ଥିଲା । ସମୁଦ୍ର କୁଳବର୍ତ୍ତୀ ଅଞ୍ଚଳରେ ବାୟାଳିଶଟି ମୌଜାକୁ ନେଇ ବିଶୁନପୁର କରଦ ରାଜ୍ୟ । ଆଉ ଏହି ରାଜ୍ୟର ରାଜଧାନୀ ଥିଲା ଗଡ଼ବିଷ୍ଣୁପୁର ।**





ଅନନ୍ତ ଓ ଅସୁମାରୀ କୀର୍ତ୍ତିରାଜିରେ ଭରା ଆମ ଏ ଓଡ଼ିଶା ଭୂଖଣ୍ଡ । ହିରଣ୍ୟଗର୍ଭା ଆମ ଏ ପବିତ୍ର ମାଟିର କୋଣାନୁକୋଣରେ କେତେ ଯେ ଦେଉଳ, କେତେ ମଠ ଓ ମନ୍ଦିର । ଧର୍ମ, ସାହିତ୍ୟ, ସଂସ୍କୃତି, ନୃତ୍ୟ ଓ ସଂଗୀତ କେତେ ଯେ ଉତ୍କୃଷ୍ଟ କଳା ରେ ଭରା ଏଇ ଉତ୍କଳ ପ୍ରଦେଶ । ଗୌରବମୟ ଆମ ଅତୀତ ଓ ଇତିହାସ ।

ଜଗତସିଂହପୁର ଜିଲ୍ଲାର କେତୋଟି ପ୍ରାଚୀନ ମନ୍ଦିରମାନଙ୍କ ମଧ୍ୟରେ ପଞ୍ଚପଲ୍ଲୀର ଗ୍ରାମେଶ୍ୱର ମହାଦେବଙ୍କ ପ୍ରସିଦ୍ଧି ସୁଦୂର ପ୍ରସାରୀ । ଗଜପତି ମାନଙ୍କ ଶାସନକାଳରେ ବିଷ୍ଣୁନପୁର ବା ବିଷ୍ଣୁପୁର ଏକ କରଦ ରାଜ୍ୟ ଥିଲା । ସମୁଦ୍ର କୁଳବର୍ତ୍ତୀ ଅଞ୍ଚଳରେ ବାୟାଳିଶଟି ମୌଜାକୁ ନେଇ ବିଶୁନପୁର କରଦ ରାଜ୍ୟ । ଆଉ ଏହି ରାଜ୍ୟର ରାଜଧାନୀ ଥିଲା ଗଡ଼ବିଷ୍ଣୁପୁର ।

ଗଡ଼ବିଷ୍ଣୁପୁରରେ ବୀରବର ଶ୍ରୀଚନ୍ଦନ ମହାପାତ୍ର ସାଙ୍ଗିଆଧାରୀ ରାଜାମାନେ ପୁରୁଷାନୁକ୍ରମେ ଶାସନ କରୁଥିଲେ । ନାରାୟଣ ବୀରବର ଶ୍ରୀଚନ୍ଦନ ମହାପାତ୍ର ଏହି ବଂଶର ଜଣେ ସୁ ଶାସକ ଥିଲେ । ମାତ୍ର ପରବର୍ତ୍ତୀ ସମୟରେ ସୂର୍ଯ୍ୟାସ୍ତ ଆଇନ୍ ବା sunset law ଅନୁସାରେ ଶେଷ ଶାସକ ଶ୍ରୀ ଦାଶରଥି ବୀରବର ଶ୍ରୀଚନ୍ଦନ ମହାପାତ୍ରଙ୍କ ସମୟରେ ଜମିଦାରୀ ହସ୍ତାନ୍ତର ହୋଇଥିଲା ।

ସରକାରୀ ନିୟମ ଅନୁସାରେ ଜମିଦାରୀ ଉଚ୍ଛେଦ ହେବା ପରେ ଏହି ବିଷ୍ଣୁନପୁର ବା ବିଷ୍ଣୁପୁର ରାଜ୍ୟ ସରକାରଙ୍କ ଅଧୀନକୁ ଆସିଲା । ଅବିଭକ୍ତ କଟକ ଜିଲ୍ଲା ବା ଏବର ଜଗତସିଂହପୁର ଜିଲ୍ଲାର ଶେଷ ପ୍ରାନ୍ତରେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ଅଞ୍ଚଳ ଏରସମା ଥାନା ଅନ୍ତର୍ଗତ ସମୁଦ୍ର କୁଳବର୍ତ୍ତୀ ଅଞ୍ଚଳରେ ଏହି ବିଷ୍ଣୁନପୁର ଅବସ୍ଥିତ ।



ବିଷ୍ଣୁନପୁରରେ ରହିଛି ପ୍ରସିଦ୍ଧ ଗ୍ରାମ ପଞ୍ଚପଲ୍ଲୀ । 'ପଞ୍ଚ' 'ପଲ୍ଲୀ' ବା ପାଞ୍ଚଟି ପଡ଼ାକୁ ନେଇ ପଞ୍ଚପଲ୍ଲୀ ଗ୍ରାମ । ସେଇ ପଡ଼ା ଗୁଡିକ ହେଲା ନାରଦିଆ, ଟିକରପଡ଼ା, ଗୋବିନ୍ଦପୁର, ପାଣିଏଣ୍ଡୁଳା ଓ ପାଟଣା । ପଞ୍ଚପଲ୍ଲୀ ଗ୍ରାମର ମଧ୍ୟ ଭାଗରେ କେଉଁ ଅନାଦି କାଳରୁ ପୂଜା ପାଇ ଆସୁଛନ୍ତି ଶ୍ରୀ ଗ୍ରାମେଶ୍ୱର ମହାଦେବ । ମନ୍ଦିରର ପଶ୍ଚିମ ଦିଗରେ ହଂସୁଆ ନଦୀ ପ୍ରବାହିତ ହୋଇ ବଙ୍ଗୋପସାଗରରେ ବିଲୀନ ହୋଇଛି । ଏହି ହଂସୁଆ ନଦୀକୁ ସ୍ଥାନୀୟ ଅଞ୍ଚଳରେ ସାଉଁଳିଆ ନଦୀ ନାମରେ ଲୋକେ ଜାଣନ୍ତି ।

ପୁରାଣରୁ ଯାହା ଜଣାଯାଏ, ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ପୁତ୍ର ଗର୍ଗ ଋଷି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ପିତା ବସୁଦେବାଙ୍କ କୂଳଗୁରୁ ଥିଲେ । ଗର୍ଗ ଋଷି ହିଁ ଶ୍ରୀବଳରାମ ଓ ଶ୍ରୀକୃଷ୍ଣଙ୍କର ନାମକରଣ କରିଥିଲେ । ଗର୍ଗ ଋଷି ଜଣେ ସିଦ୍ଧ ପୁରୁଷ, ମହର୍ଷି ଥିଲେ ।

କୁହାଯାଏ ଦ୍ୱାପର ଯୁଗରେ ମହର୍ଷି ଗର୍ଗ ଏହି ଅଞ୍ଚଳରେ ଥିବା ଜଙ୍ଗଲରେ ଆଶ୍ରମ ନିର୍ମାଣ କରି ଶିବାଲିଙ୍ଗ ପ୍ରତିଷ୍ଠା କରିଥିଲେ । ମହାଦେବଙ୍କ ପୂଜା ଆରାଧନା ସହିତ ଜପ, ତପ ତଥା ଆଶ୍ରମବାସୀଙ୍କୁ ଶିକ୍ଷାଦାନ କରିଥିବାର ପ୍ରବାଦ ରହିଛି । ଏଣୁ ଏହି ଅଞ୍ଚଳକୁ ଗର୍ଗ ପୀଠ ବୋଲି ମଧ କୁହାଯାଏ ଏବଂ ଗ୍ରାମେଶ୍ୱର ମନ୍ଦିର ପ୍ରାଙ୍ଗଣର ପଶ୍ଚିମ ବେଢ଼ାରେ ଗର୍ଗଋଷିଙ୍କ ଏକ ମନ୍ଦିର ମଧ ରହିଛି । ମହର୍ଷି ଗର୍ଗଙ୍କ ଅନ୍ତେ ଓ ପରବର୍ତ୍ତୀ ସମୟ ନିୟତିର ସଂଘାତରେ ଉକ୍ତ ଶିବଲିଙ୍ଗ କାଳକ୍ରମେ ବାଲିରେ ପୋତି ହୋଇ ଯାଇଥିଲା ।

କିମ୍ବଦନ୍ତୀ କହେ ଅନେକ ବର୍ଷ ପୂର୍ବେ ଏଠାକାର ଜଙ୍ଗଲରେ କେତୋଟି ଗୋପାଳ ପରିବାର ବସବାସ କରୁଥିଲେ । ସେମାନଙ୍କ ମୁଖ୍ୟ ବେଉସା ଗୋ ପାଳନ ଥିଲା । କୁହାଯାଏ ଜଣଙ୍କ ଦୁଧିଆଳୀ ଗାଈର ଚୀରରୁ ପ୍ରତିଦିନ ନିର୍ଦ୍ଦିଷ୍ଟ ଏକ ସ୍ଥାନରେ ନିୟମିତ କ୍ଷୀର ଝରୁଥିଲା । ଏହି ଆଶ୍ଚର୍ଯ୍ୟ ଘଟଣା କ୍ରମେ ରାଜାଙ୍କ କାନକୁ ଗଲା ଆଉ ରାଜା ନିଜ ପାରିଷଦ ବର୍ଗଙ୍କ ସହିତ ଆସି ପୂଜା ପାଠ ହୋମ ଯଜ୍ଞ କରି ଉକ୍ତ ସ୍ଥାନକୁ ଖୋଳିବାକୁ ଆଦେଶ ଦେଲେ । କିଛି ଅଂଶ ଖୋଳିବା ପରେ ଶିବ ଲିଙ୍ଗ ଆବିର୍ଭାବ ହେଲେ ।

ଗ୍ରାମବାସୀ ଶିବ ଲିଙ୍ଗକୁ ପୂଜାର୍ଚ୍ଚନା କଲେ ଆଉ ଗ୍ରାମ ମଧ୍ୟରୁ ମହାଦେବ ଆବିର୍ଭୁତ ହୋଇଥିବାରୁ ଗ୍ରାମେଶ୍ୱର ମହାଦେବ ନାମରେ ସର୍ବ ବିଦିତ ହେଲେ । ଅନେକ ବର୍ଷ ହେବ ଏକ ଚାଳ ଘରେ ଗ୍ରାମେଶ୍ୱର ମହାଦେବ ପୂଜା ପାଇ ଆସୁଥିଲେ । ମାତ୍ର ପରବର୍ତ୍ତୀ ସମୟରେ ଗ୍ରାମବାସୀ ତଥା ଅନ୍ୟ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗରେ ମହାଦେବଙ୍କ ପାଇଁ ଆଜିର ଏହି ଭବ୍ୟ ଆଉ ସୁନ୍ଦର ଦେଉଳଟି ନିର୍ମାଣ ହୋଇପାରିଛି ।

ସ୍ଥାନୀୟ ଅଞ୍ଚଳ ତଥା ସମ୍ପୂର୍ଣ୍ଣ ଜଗତସିଂହପୁର ଜିଲ୍ଲାରେ ଏହି ମନ୍ଦିରର ପ୍ରସିଦ୍ଧି କାହିଁରେ କଅଣ । ବହୁ ଦୂର ଦୁରାନ୍ତରୁ ଭକ୍ତମାନେ ଗ୍ରାମେଶ୍ୱରଙ୍କ ଦର୍ଶନରେ ଆସି ପରିବାରର ମଙ୍ଗଳ ମନାସିବା ସହିତ ନିଜର ମନସ୍କାମନା ପୂର୍ଣ୍ଣ କରନ୍ତି । ପ୍ରତିବର୍ଷ ଶିବରାତ୍ରି ସମୟରେ ଗ୍ରାମେଶ୍ୱର ମନ୍ଦିରରେ ପ୍ରବଳ ଜନସମାଗମ ହେବା ସହ ଏକ ମେଳାର ମଧ ଆୟୋଜନ ହୋଇଥାଏ ।

*ତ୍ରିଲୋଚନ ସାଇଁ*
*ଜଗନ୍ନାଥପୁର, ଅନନ୍ତପୁର, ବାଲିକୁଦା*
*ଜିଲ୍ଲା: ଜଗତସିଂହପୁର*
*ଫୋନ ୭୦୦୮୩୪୧୦୬୯*



# ଐତିହ୍ୟାନୁଭୁତିରେ ଶ୍ରୀ ଗୋପୀନାଥଜୀଉ



**ଲୋକଲୋଚନ ଓ କୋଳାହଳ ରୁ ଦୂର ରେ ଏହି ଧଳତଙ୍ଗଗଡ ର ଘଞ୍ଚ ଜଙ୍ଗଲ ମଧ୍ୟ ରେ ବିରାଜ କରିଛନ୍ତି ଶ୍ରୀ ଗୋପୀନାଥ ଜୀଉ। ଗୋପୀନାଥଙ୍କ ଏହି ବିଗ୍ରହ ଟି ଆନୁମାନିକ ୧୫ଶ ଶତାବ୍ଦୀ ର ଏକ କଳା ମୁଗୁନି ପଥର ର ବିଗ୍ରହ ଯାହାଙ୍କ ସହ ପିତ୍ତଳ ର ଏକ ରାଧା ମୂର୍ତ୍ତି ପୂଜା ପାଉଛନ୍ତି। ଯେଉଁ ସମୟ ରେ ଶ୍ରୀ ଚୈତନ୍ୟ ଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଓଡ଼ିଶା କୃଷ୍ଣ ପ୍ରେମ ପାଇଁ ଅନୁପ୍ରାଣିତ ହେଇ ଥିଲା ଏହା ସେହି ସମ ସାମୟିକ ବିଗ୍ରହ ।**



ଗଜପତି ଶାସନ କାଳରେ ଜଗତସିଂପୁରରେ ଅନେକ ଗୁଡ଼ିଏ ଗଡ ଥିଲା ଯେପରିକି ଗଡକୁଜଙ୍ଗ, ଗଡହରିଶପୁର, ଗଡବିଶୁନପୁର ଓ ପାରାଦ୍ୱିପଗଡ ଏହାଛଡା ଅନ୍ୟ ଏକ ଗଡ ହେଉଛି ଧଳତଙ୍ଗଗଡ। ଧଳତଙ୍ଗଗଡ ହେଉଛି ଜଗତସିଂହପୁର ଜିଲ୍ଲାର ଏକମାତ୍ର ଜଙ୍ଗଲ ଯାହାକି ୨୭୯ ଏକର ଅଞ୍ଚଳ ରେ ନିଜ କାୟାବିସ୍ତାର କରି ରଖିଛି।

ଲୋକଲୋଚନ ଓ କୋଳାହଳ ରୁ ଦୂର ରେ ଏହି ଧଳତଙ୍ଗଗଡ ର ଘଞ୍ଚ ଜଙ୍ଗଲ ମଧ୍ୟ ରେ ବିରାଜ କରିଛନ୍ତି ଶ୍ରୀ ଗୋପୀନାଥ ଜୀଉ। ଗୋପୀନାଥଙ୍କ ଏହି ବିଗ୍ରହ ଟି ଆନୁମାନିକ ୧୫ଶ ଶତାବ୍ଦୀ ର ଏକ କଳା ମୁଗୁନି ପଥର ର ବିଗ୍ରହ ଯାହାଙ୍କ ସହ ପିତ୍ତଳ ର ଏକ ରାଧା ମୂର୍ତ୍ତି ପୂଜା ପାଉଛନ୍ତି। ଯେଉଁ ସମୟ ରେ ଶ୍ରୀ ଚୈତନ୍ୟ ଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଓଡ଼ିଶା କୃଷ୍ଣ ପ୍ରେମ ପାଇଁ ଅନୁପ୍ରାଣିତ ହେଇ ଥିଲା ଏହା ସେହି ସମ ସାମୟିକ ବିଗ୍ରହ ।

ଏହି ମନ୍ଦିର ରେ ଗୋପୀନାଥ ଜୀଉ ଙ୍କ ପୂଜା ଓ ସେବା ଅନ୍ୟ ମନ୍ଦିର ଗୁଡ଼ିକ ଠୁ ସମ୍ପୂର୍ଣ୍ଣ ଅଲଗା। ଅନ୍ୟ ମନ୍ଦିର ମାନଙ୍କ ରେ ଦିଅଁ ମାନେ ନିଜ ଆସ୍ଥାନ ରୁ ନ ଉଠି ଗୋଟିଏ ସ୍ଥାନ ରେ ରହି ପୂଜା ପାଆନ୍ତି କିନ୍ତୁ ଏହି ମନ୍ଦିର ରେ ଦିଅଁ ଗୋଟିଏ ସ୍ଥାନ ରୁ ଅନ୍ୟ ସ୍ଥାନ କୁ ସେବକ ଙ୍କ ଦ୍ୱାରା ଯିବା ଆସିବା କରି ସେବା ପାଆନ୍ତି। ଦିଅଁଙ୍କ ସେବା ଅବିକଳ ଓଡ଼ିଆ ଘର ର ଦମ୍ପତି ଙ୍କ ଦିନଚର୍ଯ୍ୟା ଭଳି ହେଇଥାଏ। ରାତ୍ରି ପହୁଡ଼ ସମୟ ରେ ଶ୍ରୀ ଗୋପୀନାଥ ଓ ରାଧା ଙ୍କ ବିଗ୍ରହ କୁ ଏକ ପଲଙ୍କ ରେ ସୁଆଇଦିଆ ଯାଏ। ପରଦିନ ସକାଳେ ପୂଜକ ପହୁଡ଼ ଫିଟାନ୍ତି ଓ ଏକ ଓଡ଼ିଆ ବୋହୂ ଭଳି ରାଧା ଙ୍କୁ ପ୍ରଥମେ ଶେଯ ରୁ ଉଠାନ୍ତି ଓ ତାଙ୍କ ସ୍ନାନ ଶୃଙ୍ଗାର ସାରି ମୁଖ୍ୟ ଆସ୍ଥାନ ରେ ସ୍ଥାପିତ କରନ୍ତି । ଏହାପରେ ଗୋପୀନାଥ ଙ୍କ ବିଗ୍ରହ କୁ ନିଦ ରୁ ଉଠାନ୍ତି ଓ ବାସି ବିଛଣା କୁ ଠିକ୍ କରନ୍ତି, ଏହାପରେ ପୁରୁଣା ବସ୍ତ୍ର ଖୋଲି ଗୋପୀନାଥ ଙ୍କ ଦେହ ରେ ତେଲ, ଚୁଆ ଲଗାଇ ସ୍ନାନ କରେଇ ଦିଅନ୍ତି ତା ପରେ ଆରମ୍ଭ ହୁଏ ଚନ୍ଦନ ରେ ଶୃଙ୍ଗାର, ଶୃଙ୍ଗାର ପରେ ନୂତନ ବସ୍ତ୍ର ପରିଧାନ କରି ବଂଶୀ ଓ ମୁକୁଟ ଲଗାଇ ଗୋପୀନାଥ ସ୍ଥାପନ ହୁଅନ୍ତି ମୁଖ୍ୟ ଆସ୍ଥାନ ରେ ।

ବାଲ୍ୟ ଭୋଗ ରେ ଚୁଡ଼ା କଦଳୀ ଭୋଗ ଲାଗିଥାଏ, ମଧ୍ୟାହ୍ନ ରେ ଅନ୍ନ, ଡାଲମା ସହ ଖିରି ଭୋଗ ଲାଗିଥାଏ । ସନ୍ଧ୍ୟା ଧୂପ ରେ ପ୍ରତି ମାସ ରେ ଦହି ପଖାଳ,ପୋଡ଼ା ପିଠା ,ବେଲ ପଣା ଆଦି ଭୋଗ ବଦଳି କରି ଦିଆଯାଏ । ଖିରି ହେଉଛି ଏଠାକାର ମୁଖ୍ୟ ଭୋଗ ଯାହାକୁ କି ମଇଁଷି କ୍ଷୀର ରେ ପ୍ରସ୍ତୁତ କରାଯାଏ ଓ ଅନ୍ୟ ସବୁ ରୋଷେଇ ପାଇଁ ମଇଁଷି ଘିଅ ବ୍ୟବହାର କରାଯାଏ। ପହୁଡ଼ ସମୟ ରେ ପୂଜକ ଗୋପୀନାଥ ଜୀଉ ଓ ରାଧା ରାଣୀ ଙ୍କୁ ପଲଙ୍କ କୁ ନେଇ ଆସନ୍ତି ଓ ପାଦ ସେବା ଦିଅନ୍ତି ଓ ସୁଆଇ ଦେଇ ପହୁଡ଼ ପକାନ୍ତି। ଜନ୍ମାଷ୍ଟମୀ,ଝୁଲଣ ଯାତ୍ରା ଓ ଦୋଳ ପର୍ବ ହେଉଛି ଗୋପୀନାଥ ଜୀଉ ଙ୍କ ମୁଖ୍ୟ ପର୍ବ ଗୁଡ଼ିକ।

୨୦୨୩ ପୂର୍ବରୁ ଠାକୁର ଏକ ଚାଳ ଛପର ଘରେ ରହୁଥିଲେ । ଏବେ ପୂଜକ,ସ୍ଥାନୀୟ ବାସିନ୍ଦା ଓ ସରକାର ଙ୍କ ଦ୍ୱାରା ଏକ ନୂତନ ମନ୍ଦିର ନିର୍ମାଣ ହୋଇ ଠାକୁର ବିଜେ କରିଛନ୍ତି। ପୂଜକ ଶ୍ରୀ ମାନସ କୁମାର ଦାଶ ଗୋପୀନାଥ ଜୀଉ ଙ୍କୁ ନିଜ ପୁଅ ଭଳି ସେବା କରନ୍ତି ଓ ମଝି ରେ ମଝି ରେ ଦିଅଁ ଙ୍କୁ 'ବୁଢା' କହି ସମ୍ବୋଧନ କରନ୍ତି । ବିଗ୍ରହ ଙ୍କ ଓଜନ ୨୫ କିଲୋଗ୍ରାମ ରୁ ଅଧିକ ହେବ ଏତେ ଓଜନ ର ବିଗ୍ରହ ଙ୍କୁ ପ୍ରତିଦିନ ଏକ ସ୍ଥାନ ରୁ ଅନ୍ୟ ସ୍ଥାନ କୁ ଉଠାଇ ନେଇ ସେବା କରିବା ସହଜ କାମ ନୁହେଁ କିନ୍ତୁ ଗୋପୀନାଥ ଜୀଉ ଙ୍କ ଆଶୀର୍ବାଦ ଯୋଗୁଁ ସବୁ ସମ୍ଭବ ହେଇ ପାରୁଛି। ମାନବ ଓ ଈଶ୍ୱର ମଧ ରେ ଏଭଳି ସମ୍ପର୍କ ଓ ଈଶ୍ୱର ଙ୍କ ଏଭଳି ମାନବୀୟ ଲୀଳା ଦେଖିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ ।

*ସମ୍ବିତ ସିଂହ*
*ଜଇପୁର, ଜଗତସିଂହପୁର*
*ଫୋନ : ୯୭୭୮୫୮୨୯୭୩*



ବାଲ୍ୟ ଭୋଗ ରେ ଚୁଡ଼ା କଦଳୀ ଭୋଗ ଲାଗିଥାଏ, ମଧ୍ୟାହ୍ନ ରେ ଅନ୍ନ, ଡାଲମା ସହ ଖିରି ଭୋଗ ଲାଗିଥାଏ । ସନ୍ଧ୍ୟା ଧୂପ ରେ ପ୍ରତି ମାସ ରେ ଦହି ପଖାଳ,ପୋଡ଼ା ପିଠା ,ବେଲ ପଣା ଆଦି ଭୋଗ ବଦଳି କରି ଦିଆଯାଏ । ଖିରି ହେଉଛି ଏଠାକାର ମୁଖ୍ୟ ଭୋଗ ଯାହାକୁ କି ମଇଁଷି କ୍ଷୀର ରେ ପ୍ରସ୍ତୁତ କରାଯାଏ ଓ ଅନ୍ୟ ସବୁ ରୋଷେଇ ପାଇଁ ମଇଁଷି ଘିଅ ବ୍ୟବହାର କରାଯାଏ। ପହୁଡ଼ ସମୟ ରେ ପୂଜକ ଗୋପୀନାଥ ଜୀଉ ଓ ରାଧା ରାଣୀ ଙ୍କୁ ପଲଙ୍କ କୁ ନେଇ ଆସନ୍ତି ଓ ପାଦ ସେବା ଦିଅନ୍ତି ଓ ସୁଆଇ ଦେଇ ପହୁଡ଼ ପକାନ୍ତି। ଜନ୍ମାଷ୍ଟମୀ,ଝୁଲଣ ଯାତ୍ରା ଓ ଦୋଳ ପର୍ବ ହେଉଛି ଗୋପୀନାଥ ଜୀଉ ଙ୍କ ମୁଖ୍ୟ ପର୍ବ ଗୁଡ଼ିକ।

# ପ୍ରେମିକାର ମୃତ୍ୟୁର ୨ ଦିନ ପରେ ପ୍ରେମିକର ଆତ୍ମହତ୍ୟା




*ମୃତ ଯୁବକଙ୍କ ନା କାହ୍ନା ବେହେରା(୧୯) ବୋଲି ଜଣାପଡିଥିବାବେଳେ ସେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଶକୁଳି ଗାଁର ନବୀନ ବେହେରାଙ୍କ ପୁଅ ବୋଲି ଜଣାପଡିଛି ।*

**ଫିରିଙ୍ଗିଆ:** ପ୍ରେମିକାର ମୃତ୍ୟୁର ଦୁଇ ଦିନ ନ ପୂରୁଣୁ ଜଣେ ପ୍ରେମିକ ନିମ ଗଛ ବେକରେ ରଶି ଲଗେଇ ଆତ୍ମ ହତ୍ୟା କରିଛନ୍ତି ଓ ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା କଟରିଙ୍ଗିଆ ପଞ୍ଚାୟତ ଅଧୀନରେ ଥିବା କାଣିବାଲି ଗାଁରେ । ମୃତ ଯୁବକଙ୍କ ନା କାହ୍ନା ବେହେରା( ୧୯ ) ବୋଲି ଜଣାପଡିଥିବାବେଳେ ସେ ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଶକୁଳି ଗାଁର ନବୀନ ବେହେରାଙ୍କ ପୁଅ ବୋଲି ଜଣାପଡିଛି ।

ସୂଚନା ଅନୁସାରେ, ରବିବାର ସକାଳେ କାଣିବାଲି ଗାଁ ନିକଟରେ ଥିବା ଜଙ୍ଗଲର ଏକ ନିମ୍ବ ଗଛରେ ଯୁବକଙ୍କ ମୃତ ଦେହ ଝୁଲୁ ଥିବା କିଛି ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ ଓ ଖବରପାଇ ଘଟଣାସ୍ଥଳରେ ଗୋଛାପଡା ପୋଲିସ ପହଂଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇଦେଇ ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରଖିଛି ଓ ଏହି ଘଟଣାକୁ ନେଇ ଗୋଛାପଡ଼ା ଥାନାରେ କେଶ ନଂ ୮/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ସୂଚନା ଦେଇଛନ୍ତି ଓ ଅନ୍ୟପଟେ ପୋଲିସର ସୂଚନା ଅନୁସାରେ ମୃତ ଯୁବକ ଜଣକ କିଛିଦିନ ତଳେ ଏହି କାଣିବାଲି ଗାଁର ଜଣେ ବ୍ୟକ୍ତିଙ୍କ ଘରକୁ ଆସି ରହୁଥିଲେ ଓ କିଛିଦିନ ଦିନ ରହିବା ମଧ୍ୟରେ ଘରେ ଥିବା ଜନୈକ ଯୁବତୀଙ୍କ ସାଙ୍ଗରେ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଗତ ସୋମବାର ଯୁବତୀ ଜଣକ ହଠାତ ଅସୁସ୍ଥ ହୋଇପଡ଼ିଥିଲେ ଓ ପରିବାର ଲୋକେ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ଓ କିନ୍ତୁ ସୋମବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଯୁବତୀଙ୍କ ମୃତ୍ୟୁ ହୋଇଯାଇଥିଲା ଓ ଏହି ଘଟଣାକୁ ନେଇ ଯୁବକ ଜଣଙ୍କ ମାନସିକ ଭାରସାମ୍ୟ ହରାଇ ବସିଥିବାବେଳେ ଘରୁ କୁଆଡେ ଚାଲିଯାଇଥିଲେ । ପରେ ତାଙ୍କର ମୃତଦେହ ଗାଁ ପାଖ ଜଙ୍ଗଲରେ ଏକ ନିମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ଠାବ କରାଯାଇଥିଲା ଓ ଅନ୍ୟପଟେ ମୃତ ଯୁବକ ଜଣଙ୍କ କାଣିବାଲି ଗାଁର ଯାହା ଘରେ ରହୁଥିଲେ ତାଙ୍କ ସହ କଣ ସମ୍ପର୍କ ରହିଛି ଓ ବୌଦ୍ଧ ଜିଲ୍ଲାରୁ ସେ କଣ ପାଇଁ କାଣିବାଲି ଗାଁକୁ ଆସିଥିଲେ ତାହା ଜଣାପଡିନଥିବା ବେଳେ ଏ ଦିଗରେ ମଧ୍ୟ ପୋଲିସ ତଦନ୍ତ ଜାରି ରଖିଛି ।

# ଲଗାଣ ବର୍ଷାରେ ଅସ୍ତବ୍ୟସ୍ତ ତେଲକୋଇ

## ପିଟାନାଳି ପୋଲ ଉପରେ ୩ ଫୁଟର ବନ୍ୟା ଜଳ ପ୍ରବାହିତ

*ନଦୀ ନାଳ ଫୁଲିବା ସହିତ କେତେକ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେବାରେ ଲାଗିଛି । ଫଳରେ ଜନ ଜୀବନ ଅସ୍ତବ୍ୟସ୍ତ ହେବା ସହିତ ଗମନା ଗମନ ପ୍ରଭାବିତ ହୋଇଛି ।*



**ତେଲକୋଇ:** କେନ୍ଦୁଝର ଜିଲ୍ଲା ତେଲକୋଇ ଅଞ୍ଚଳରେ ସୋମବାର ଭୋର ସମୟରୁ ଲଗାଣ ବର୍ଷା ଯୋଗୁଁ ସମଗ୍ର ତେଲକୋଇ ଅଞ୍ଚଳ ଅସ୍ତବ୍ୟସ୍ତ ହୋଇ ପଡ଼ିଛି । ନଦୀ ନାଳ ଫୁଲିବା ସହିତ କେତେକ ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେବାରେ ଲାଗିଛି । ଫଳରେ ଜନ ଜୀବନ ଅସ୍ତବ୍ୟସ୍ତ ହେବା ସହିତ ଗମନା ଗମନ ପ୍ରଭାବିତ ହୋଇଛି । ଓରିଆ ପଞ୍ଚାୟତ ପିଟାନାଳି ଗ୍ରାମ ପୋଲ ଉପରେ ତିନି ଫୁଟ ଉଚ୍ଚର ବନ୍ୟାଜଳ ପ୍ରବାହିତ ହେବା ଫଳରେ ଓଡିଶା ଆଦର୍ଶ ବିଦ୍ୟାଳୟ ଓ ସାପଲାଞ୍ଜି ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି । ଯାହା ଫଳରେ ଆଦର୍ଶ ବିଦ୍ୟାଳୟ ଆଜି ଛୁଟି ହୋଇଯାଇଛି ।

ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇ ପାରିନଥିବା ଜଣାପଡ଼ିଛି । ଆଉ କେତେକ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ପହଞ୍ଚି ଥିଲେ ସୁଦ୍ଧା ପୋଲ ଉପରେ ପାଣି ଯିବା ଆରମ୍ଭ ହେବାରୁ ତୁରନ୍ତ ଘରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତେବେ ଏହି ସମସ୍ୟା ପ୍ରତି ବର୍ଷ ଦେଖା ଦେଉଥିବା ବେଳେ ଜିଲ୍ଲା ପ୍ରଶାସନ ହେଉ କିମ୍ବା ସରକାର ଏଥି ପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି । ଉଚ୍ଚ ତମ ପୋଲ ପାଇଁ ଦାବି ହୋଇ ଆସୁଥିଲେ ସୁଦ୍ଧା ଜିଲ୍ଲା ପ୍ରଶାସନ ଏହି ସମସ୍ୟାର ସମାଧାନ କରୁ ନଥିବା ଅଭିଯୋଗ ହୋଇଛି । ଫଳରେ ପ୍ରତ୍ୟେକ ବର୍ଷ ଏହି ସମାନ ସମସ୍ୟା ଦେଖା ଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି । ଅନ୍ୟପଟେ ତେଲକୋଇ ବଜାର ମଧ୍ୟରେ ଡ୍ରେନେଜ୍ ସୁବିଧା ନଥିବାରୁ ତେଲକୋଇ ଥାନା ରୋଡ ଏବଂ କଲେଜ ରୋଡ ଲଗାଣ ବର୍ଷାରେ କୃତ୍ରିମ ନାଳର ଭ୍ରମ ସୃଷ୍ଟି କରିଛି । ଛାତ୍ରଛାତ୍ରୀ କିମ୍ବା ପଥଚାରୀ ଏହି ରାସ୍ତାରେ ଚାଲି ଚାଲି ଯିବାକୁ ଭୟ କରୁଛନ୍ତି । ଆଣ୍ଠୁଏ ଆଣ୍ଠୁଏ ଖାଲରେ ପରିପୂର୍ଣ୍ଣ ଥିବା ଏହି ରାସ୍ତା ଲୋକଙ୍କ ପାଇଁ ଏବେ ମରଣ ଜନ୍ତା ପାଲଟିଛି । ତେବେ ସରକାର ବଦଳିବାର ବର୍ଷେ ପରେ ମଧ ତେଲକୋଇ ବଜାର ମୁଖ୍ୟ ରାସ୍ତାର ସମସ୍ୟା ଯଥା ପୂର୍ବମ୍ ତଥା ପରମ୍ ହୋଇ ରହିଛି । ଏହା ସହିତ ବିଲ ବାଡ଼ିରେ ମଧ ପ୍ରଚୁର ମାତ୍ରାରେ ବର୍ଷା ଜଳ ପ୍ରବାହିତ ହୋଇଥିବାରୁ ଚାଷ କାର୍ଯ୍ୟ ମଧ ବାଧା ପ୍ରାପ୍ତ ହୋଇଛି ।

# ସାମ୍ବାଦିକଙ୍କୁ ହତ୍ୟା ଘଟଣାରେ ତୁରନ୍ତ ଦୋଷୀଙ୍କୁ ଗିରଫ ନେଇ ଦାବୀ

**ମାଲକାନଗିରି:** ମାଲକାନଗିରି ଜିଲ୍ଲା ମୋଟୁ ଥାନା ଅନ୍ତର୍ଗତ ମୁରଲି ଗୁଡ଼ା ଗ୍ରାମ ନିକଟରେ ଖବର ସଂଗ୍ରହ ପାଇଁ ଯାଇଥିବା କେତେକ ସାମ୍ବାଦିକ ମାନଙ୍କ ଉପରେ କିଛି ଦୃର୍ବୃତ୍ତ ଅସ୍ତ୍ରଶସ୍ତ୍ର ଧରି ସେମାନଙ୍କୁ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ସି ଏଚ ନରେଶ କୁମାର ନାମକ ଆମର ଜଣେ ଓ୍ୱେବ ଚ୍ୟାନେଲ ସାମ୍ବାଦିକଙ୍କୁ ଖଣ୍ଡାରେ ହାଣି ଦେଇଥିବାରୁ, ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

ମାଲକାନଗିରି ପରି ଗୋଟିଏ ଶାନ୍ତି ପ୍ରିୟ ଜିଲ୍ଲାରେ ଘଟିଥିବା ଏହି ଘଟଣାରେ, ମାଲକାନଗିରି ଜିଲ୍ଲାର ସମସ୍ତ ସାମ୍ବାଦିକ ମାନଙ୍କ ସହିତ ସମସ୍ତ ଜିଲ୍ଲା ବାସି ସ୍ତମ୍ଭିଭୂତ ଏବଂ ମର୍ମାହତ । ସବୁ ମହଲରେ ଏହି ଘଟଣାର ନିନ୍ଦା କରାଯିବା ସହିତ, ହତ୍ୟାକାଣ୍ଡରେ ଶାମିଲ ସମସ୍ତ ଦୁର୍ବୃତ୍ତ ମାନଙ୍କୁ ଯଥା ଶିଘ୍ର ଗିରଫ କରି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ସମସ୍ତେ ସରକାରଙ୍କୁ ନିବେଦନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ସକାଳେ ମାଲକାନଗିରି ୟୁନିୟନ ଅଫ୍ ଜର୍ଣାଲିଷ୍ଟିସ ର ସଭାପତି ଦେବ ପ୍ରସାଦ ଦାସଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ସଂଘର ସମସ୍ତ ସାମ୍ବାଦିକ ମାନେ ଦୁର୍ବୃତ୍ତ ମାନଙ୍କୁ ଯଥା ଶିଘ୍ର ଗିରଫ କରି ଦୃଷ୍ଟାନ୍ତମୂଳକ ଶାସ୍ତି ଦାବି ଏବଂ ସରକାର ଯଥା ଶିଘ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ଦାବି ନେଇ ପଦଯାତ୍ରା ପୂର୍ବକ ମାଲକାନଗିରି ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ପହଂଚି ଥିଲେ ଏବଂ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲଙ୍କୁ ଉକ୍ତ ଦାବିଗୁଡିକୁ ନେଇ ଗୋଟିଏ ମେମୋରେଣ୍ଡମ ପ୍ରଦାନ କରିଥିଲେ । ଏଥିସହିତ ଓଡ଼ିଶାର ବିଭିନ୍ନ ସ୍ଥାନରେ ସାମ୍ବାଦିକ ମାନଙ୍କ ଉପରେ ହେଉଥିବା ଆକ୍ରମଣର ପ୍ରତିବାଦ କରି, ଯଥାଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ, ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କୁ ଆରକ୍ଷୀ ଅଧିକ୍ଷକଙ୍କ ଜରିଆରେ ଗୋଟିଏ ମେମୋରେଣ୍ଡମ ପ୍ରଦାନ କରିଥିଲେ ।

# ପାରାଦୀପର ପରିବା ମାର୍କେଟ୍‌ରେ ଅଗ୍ନିକାଣ୍ଡ



**ପାରାଦୀପ:** ପାରାଦୀପର ବଡପଡିଆରେ ଥିବା ପରିବା ମାର୍କେଟ୍‌ରେ ଅଗ୍ନିକାଣ୍ଡ । ୫ଟି ଦୋକାନ ପୋଡ଼ି ପାଉଁଶ ହୋଇଯାଇଛି । ରବିବାର ବିଳମ୍ବିତ ରାତି ସାଢେ ୩ଟାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ଖବର ପାଇ ପାରାଦୀପ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ୫ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଛି ।

ପାରାଦୀପ ବନ୍ଦର ତରଫରୁ ପରିବା ଦୋକାନ ପାଇଁ ଅସ୍ଥାୟୀ ପିଣ୍ଡି ଯୋଗାଇ ଦିଆଯାଇଥିବା ବେଳେ ପ୍ରତ୍ୟେକ ବ୍ୟବସାୟୀ ପଲିଥିନ ଓ ପାଲ ବାନ୍ଧି ପରିବା ବ୍ୟବସାୟ କରିଥାନ୍ତି । ରବିବାର ବିଳମ୍ବିତ ରାତିରେ କୌଣସି କାରଣରୁ ପଲିଥିନ ପାଲରେ ନିଆଁ ଲାଗି ୫ଟି ଦୋକାନ ଜଳି ଯାଇଛି । ଦୋକାନୀ ବାବୁନି ସାହୁ, ଚାବୁନି ସାହୁ, ଜୟଦେବ ମହାପାତ୍ର, ମଣ୍ଟୁ ନାୟକ, ସୁରେନ୍ଦ୍ର ସାହୁଙ୍କ ଦୋକାନ ପୋଡ଼ି ଯାଇଛି । ଦୋକାନରେ ଥିବା ପନିପରିବା, କ୍ୟାସ ବାକ୍ସ, ଇଲେକଟ୍ରୋନିକ୍ସ କମ୍ପ୍ୟୁଟର କଣ୍ଟା, ପରିବା, ଫ୍ୟାନ ଆଦି ପୋଡ଼ି ପାଉଁଶ ହୋଇଯାଇଛି । ଖବର ପାଇ ପାରାଦୀପ ଫୋର୍ଟ ଓ କୁଜଙ୍ଗ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି । ୫ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡ଼ିଛି ।

ତେବେ ଅସ୍ଥାୟୀ ପରିବା ଦୋକାନ ପିଣ୍ଡିରେ କୌଣସି ବିଦ୍ୟୁତ ସଂଯୋଗ ନଥିବା

**୫ଟି ଦୋକାନ ପୋଡ଼ି ପାଉଁଶ**

ବେଳେ କେଉଁ କାରଣରୁ ନିଆଁ ଲାଗଛି ତାହା ସ୍ପଷ୍ଟ ହୋଇ ପାରିନାହିଁ । ମଶା ଧୂପରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି । ସକାଳେ ପାରାଦୀପ ବନ୍ଦର ବଣିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ପହଞ୍ଚି ସ୍ଥିତି ସମୀକ୍ଷା କରୁଛନ୍ତି । ପ୍ରକାଶ ଥାଉକି, ବଡ଼ପଡିଆ ପରିବା ମାର୍କେଟରେ ସବୁ ଜିନିଷ ମିଳିଥାଏ । ପାରାଦୀପ ପୌରାଞ୍ଚଳର ଓ୍ୱାର୍ଡ଼ ନମ୍ବର ୧ ଠାରୁ ୧୯ ନମ୍ବର ଓ୍ୱାର୍ଡ ପର୍ଯ୍ୟନ୍ତ ଲୋକେ ସେହି ପରିବା ମାର୍କେଟ ଉପରେ ନିର୍ଭରଶୀଳ ।

# ଜାଲରେ ପଡ଼ିଲା ୨ତେଲିଆ ମାଛ, ବିକ୍ରି ହେଲା ୬ଲକ୍ଷରେ



**ଚାନ୍ଦବାଲି:** ଭଦ୍ରକଜିଲ୍ଲା ଧାମରା ଅଞ୍ଚଳରେ ସମୁଦ୍ରରେ ଧୀବରଙ୍କ ଜାଲରେ ପଡ଼ିଛି ଦୁଇଟି ତେଲିଆ ମାଛ । ଗୋଟିଏ ମାଛର ଓଜନ ୨୧ କିଲୋ ଏବଂ ଅନ୍ୟଟିର ଓଜନ ୩୧ କିଲୋ ୬୦୦ ଗ୍ରାମ୍ ଥିଲା । ଧାମରା ଚାନ୍ଦିନୀପାଳସ୍ଥ କଣ୍ଟାରେ ମାଛଗୁଡ଼ିକର ଓଜନ ପରେ ନିଲାମ ହୋଇଛି ।

୨୧କିଲୋର ମାଛଟିକୁ କିଲୋ ପ୍ରତି ୭ ହଜାର ୫୦୦ ଦରରେ ୧ ଲକ୍ଷ ୫୭ ହଜାର ୫ ଶହ ଏବଂ ୩୧ କିଲୋ ଓଜନ ଥିବା ମାଛକୁ କିଲୋ ପ୍ରତି ୧୪ ହଜାର ୬ ଶହ ଦରରେ ୪ ଲକ୍ଷ ୫୨ ହଜାର ୬୦୦ ଟଙ୍କା; ଏଭଳି ମୋଟ ୬ ଲକ୍ଷ ୧୦ ହଜାର ଟଙ୍କା ଦେଇ ଏକ ଔଷଧ କମ୍ପାନି କିଣି ନେଇଛି । ଉଲ୍ଲେଖଥାଉକି, ତେଲିଆ ମାଛରେ ଅନେକ ଔଷଧୀୟ ତତ୍ତ୍ୱ ରହିଛି ।

**କେରଳ ଇଂରାଜୀ ମିଡ଼ିଅମ ସ୍କୁଲରେ ଛାତ୍ର ମୃତ୍ୟୁ ଘଟଣା**

# ୧୧ଘଣ୍ଟା ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କଲା ପୋଲିସ

**ଚମ୍ପୁଆ:** ଚମ୍ପୁଆ ସ୍ଥିତ କେରଳା ଇଂରାଜୀ ମିଡିୟମ ସ୍କୁଲରେ ଏକ ଦୁଃଖଦ ଘଟଣା ଘଟିଛି । ସ୍କୁଲ ପରିସରରେ ଥିବା ଚାରି ମହଲା ହଷ୍ଟେଲ କୋଠା ରୁ ଡେଇଁ ଜଣେ ଅନ୍ତେବାସୀ ଦଶମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । ମୃତ ଛାତ୍ରଙ୍କ ନାମ କ୍ରୀଷ୍ଣା ପ୍ରଧାନ । ଛାତ୍ରଙ୍କ ମୃତ୍ୟୁ ର କାରଣ ଅସ୍ପଷ୍ଟ ରହିଛି । ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ର ଜଣକ ଆତ୍ମହତ୍ୟା କରିଥିବା ନେଇ ଅଭିଭାବକ ଓ ଥାନା କୁ ସୂଚନା ଦେଇଥିବା ବେଳେ ବିଦ୍ୟାଳୟ ପକ୍ଷରୁ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଯୋଗୁ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ପିତା ସୁଧାଂଶୁ ଶେଖର ପ୍ରଧାନ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ଆଜି ସକାଳ ପ୍ରାୟ ସାଢ଼େ ପାଂଚଟା ବେଳେ ପ୍ରାର୍ଥନା ସଭାରୁ ଫେରି କ୍ରୀଷ୍ଣା ରହୁଥିବା ହଷ୍ଟେଲର ଚତୁର୍ଥ ମହଲାର ଝରକାରୁ ଡେଇଁ ପଡ଼ିଥିଲେ । ସେଠାରୁ ସଙ୍ଗେ ସଙ୍ଗେ ତାଙ୍କୁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ କୁ ଅଣାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଚମ୍ପୁଆ ଥାନାଧିକାରୀ ରମାକାନ୍ତ ମୁଦୁଲି ଡାକ୍ତରଖାନାରେ ପହଂଚି ମୃତଦେହକୁ ଜବତ କରିବା ସହ ବିଦ୍ୟାଳୟକୁ ଯାଇ ସିସିଟିଭି ଫୁଟେଜ ଯାଂଚ କରିଥିଲେ । ମୃତ ଛାତ୍ରଙ୍କ ପରିବାର ଲୋକେ ଏ ସମ୍ବନ୍ଧରେ ସୂଚନା ପାଇ ଡ଼ାକ୍ତରଖାନା ପହଂଚିବା ପରେ ପରିବାର ଲୋକ ଙ୍କ କ୍ରନ୍ଦନରେ ଡାକ୍ତରଖାନା ଫାଟି ପଡିଥିଲା । ଡାକ୍ତରଖାନା ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଧୀରେ ଧୀରେ ଡାକ୍ତରଖାନାରେ ଭିଡ ଜମିଥିଲା । ପରିବାର ଲୋକେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପାଇଁ ଅଡି ବସିଥିଲେ । କିନ୍ତୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଡାକ୍ତରଖାନା ନ ଆସିବାରୁ ବିଦ୍ୟାଳୟ ସମ୍ମୁଖକୁ ଯାଇ ହୋ ହାଲ୍ଲା ମଧ କରିଥିଲେ । ତଥାପି କର୍ତ୍ତୃପକ୍ଷଙ୍କ ଦେଖା ମିଳି ନ ଥିଲା । ଯାହା ଛାତ୍ର ଆତ୍ମ ହତ୍ୟା ପଛରେ ରହିଥିବା ରହସ୍ୟ କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଫଳରେ ଶବ ବ୍ୟବଚ୍ଛେଦ ପାଇଁ ପରିବାର ପକ୍ଷରୁ ପୁଲିସ ପ୍ରଶାସନକୁ କୌଣସି ସହାୟତା କରା ନ ଯିବାରୁ ସକାଳ ୬ ଘଟିକା ରୁ ଅପରାହ୍ନ ପାଂଚଟା ଯାଏଁ ଦୀର୍ଘ ସମୟ ଧରି ମୃତଦେହ ଡାକ୍ତରଖାନାରେ ପଡିରହିଥିଲା । ପରିବାର ଲୋକେ ବିଦ୍ୟାଳୟ କର୍ତ୍ତୃପକ୍ଷ ନ ଆସିବା ପର୍ଯ୍ୟନ୍ତ ଶବ ବ୍ୟବଚ୍ଛେଦ ନ କରିବାକୁ ଅଡି ବସିଥିଲେ । ଚମ୍ପୁଆ ଏସଡିପିଓ ରଶ୍ମି ରଞ୍ଜନ ସାହୁ ଓ ଥାନାଧିକାରୀ ରମାକାନ୍ତ ମୁଦୁଲି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ଘର ଲୋକେ ନିଜ ଜିଦରେ ଅଟଳ ରହିଥିଲେ । ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇବାରୁ ଅତିରିକ୍ତ ଫୋର୍ସ ଡାକିବାକୁ ପଡିଥିଲା । ଶେଷରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା ଡାକ୍ତରଖାନାରେ ପହଂଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିବା ସହ ବୁଝାସୁଝା କରି ପରିବାର ଲୋକଙ୍କୁ ଶବ ବ୍ୟବଚ୍ଛେଦ ପାଇଁ ରାଜି କରାଇଥିଲେ । ପରିବାର ଲୋକଙ୍କ ଏତାଲା ପରେ ଚମ୍ପୁଆ ପୁଲିସ ଥାନା କେସ ନଂ ୧୮୭/ ୨୫ ରେ ମାମଲା ରୁଜୁ କରି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ଚମ୍ପୁଆ ତହସିଲଦାର ସଜତ ମାର୍କେ ଓ ଅତିରିକ୍ତ ତହସିଲଦାର ପ୍ରତିକ୍ଷା ପ୍ରିୟଦର୍ଶିନୀ ଙ୍କ ଉପସ୍ଥିତିରେ ମୃତଦେହର ପଂଚନାମା କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ସେଠାରେ ଅଭିଜ୍ଞ ଡାକ୍ତରୀ ଟିମଙ୍କ ଦ୍ୱାରା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇଥିଲା । ପ୍ରଶାସନ ତରଫରୁ ସମଗ୍ର ଘଟଣାର ଭିଡିଓଗ୍ରାଫି କରାଯାଇଥିଲା । ରାତି ପ୍ରାୟ ନଅ ଘଟିକା ସମୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି । ଅନ୍ୟପଟେ ଚମ୍ପୁଆ ପୁଲିସ ବିଦ୍ୟାଳୟକୁ ଯାଇ ସିସିଟିଭି ଫୁଟେଜ ଯାଂଚ କରିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛନ୍ତି । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିର୍ଯ୍ୟାତନା ସହି ନ ପାରି ଛାତ୍ର ଜଣଙ୍କ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ କର୍ତ୍ତୃପକ୍ଷ ନିଜ ଉପରୁ ଦୋଷ ଲୁଚାଇବା ପାଇଁ ବିଧିବଦ୍ଧ ଭାବେ ଯୋଜନା କରୁଥିବା କୁହା ଯାଉଥିବା ବେଳେ ପୁଲିସ ଘଟଣାର ଉପଯୁକ୍ତ ଓ ନିରପେକ୍ଷ ତଦନ୍ତ କଲେ ଛାତ୍ର ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ପରିବାର ଲୋକେ ଦାବୀ କରିଛନ୍ତି । ମୃତ ଛାତ୍ରଙ୍କ ଘର ଝାଡଖଣ୍ଡ ରାଜ୍ୟର ଖରସୁଆଁ ନିକଟସ୍ଥ କୁଚା ଗ୍ରାମରେ । ସେ ଗତବର୍ଷ କେରଳା ସ୍କୁଲରେ ନାମ ଲେଖାଇ ସ୍କୁଲ ହଷ୍ଟେଲରେ ରହି ଦଶମ ଶ୍ରେଣୀରେ ପାଠ ପଢୁଥିଲେ ।

# ଜଙ୍ଗଲକୁ ଛତୁ ସଂଗ୍ରହ ପାଇଁ ଯାଇଥିବା ବେଳେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ



**ମାଲକାନଗିରି:** ମାଓବାଦୀଙ୍କ ବର୍ବର କାଣ୍ଡ । ଛତିଶଗଡ଼ ଉସୁର ଥାନା ଧନଗୋଲ ଗାଁରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ । ଜଣେ ନାବାଳିକାଙ୍କ ସମେତ ୩ ଗୁରୁତର ମେଡିକାଲରେ ଭର୍ତ୍ତି । ଜଙ୍ଗଲକୁ ଛତୁ ସଂଗ୍ରହ ପାଇଁ ଯାଇଥିବା ବେଳେ ଅଘଟଣ ।

ସୂଚନାନୁଯାୟୀ, ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ଉସୁର ଥାନା ଅନ୍ତର୍ଗତ ଧନଗୋଲ ଗାଁରେ ମାଓବାଦୀମାନେ ହିଂସାକାଣ୍ଡ ଘଟାଇଛନ୍ତି । ଗୋଟିଏ ଆଦିବାସୀ ପରିବାରର ୩ ଜଣ ସଦସ୍ୟ ଜଙ୍ଗଲକୁ ଛତୁ ସଂଗ୍ରହ କରିବା ଲାଗି ଯାଇଥିବା ବେଳେ ମାଓବାଦୀମାନେ ପୂର୍ବରୁ ଖଞ୍ଜିଥିବା ପ୍ରେସର ଆଇଇଡି ଉପରେ ଗୋଡ ପଡିବା ମାତ୍ରେ ଏହା ବିସ୍ଫୋରଣ ହୋଇଛି । ଫଳରେ ଜଣେ ନାବାଳିକାଙ୍କ ସମେତ ୩ ଜଣ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରାଯାଇ ବିଜାପୁର ମେଡିକାଲରେ ଭର୍ତ୍ତି କରାଯାଇଛି ।

# ବାପ ଛେଉଣ୍ଡ ପୁଅର ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

**କନ୍ଧମାଳ:** କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ ଦଡକି ଗ୍ରାମର ବାପ ଛେଉଣ୍ଡ ପୁଅ, ଦୀପୁନ ବେହେରା (୧୧) ମାଆ ସୁଷମା ବେହେରା । ଦୀପୁନ ଆଜକୁ ବହୁତ ଦିନହେବ ଥଲ୍ଲାସେମିୟା ରୋଗରେ ପୀଡିତ ହୋଇ ଫୁଲବାଣୀ ମୁଖ୍ୟ ଡାକ୍ତର ଖାନାରେ ଚିକିତ୍ସିତ ହେଉଛନ୍ତି । ତାଙ୍କୁ ପ୍ରତି ସପ୍ତାହରେ ଗୋଟିଏ ୟୁନିଟ ରକ୍ତ ଆବଶ୍ୟକ ହେଉଥିଲା । ଏହି ଖବର ପାଇଥିଲେ ଫୁଲବାଣୀ ସହରର ଜଣା ଶୁଣା ସମାଜସେବି ଜଗନ୍ନାଥ ରାଜୁ ଖବର ପାଇବା ପରେ ଜଗନ୍ନାଥ ସେଠାରେ ପହଂଚି ପରିସ୍ଥିତି ବୁଝିଥିଲେ । କିନ୍ତୁ ଏବେ କିଛି ମାସ ହେବ ଦିପୁନ ର ଏମିତି କିଛି ସମସ୍ୟା ହୋଇଛି ଯେଉଁଥିପାଇଁ ପ୍ରତି ୨ ରୁ ୩ ଦିନରେ ଗୋଟିଏ ୟୁନିଟ ରକ୍ତ ଦରକାର ପଡୁଛି । ଡାକ୍ତର କହିବା ମୁତାବକ ବାହାର କେଉଁ ବଡ ମେଡିାଲରେ ଗୋଟିଏ ଅପରେସନ ହେଲେ ଛୁଆଟା ସୁସ୍ଥ ହୋଇପାରିବ କିନ୍ତୁ ଛୁଆର ବାପା ନାହାନ୍ତି ମା ଏକୁଟିଆ ଖଟିଲେ ପରିବାର ଚଳାଉଛନ୍ତି । ଏମିତିରେ ୨୦ ଦିନ ପାଖା ପାଖୀ ମେଡିକାଲରେ ରହିଲେଣି ଆଉ ତାଙ୍କ ସେତିକି ଅର୍ଥ ନାହିଁ ଯେ ଛୁଆକୁ ଭୁବନେଶ୍ୱର ନେବେ ଏଣୁ ତାଙ୍କ ମାଆ ଅନୁରୋଧ କରିଛନ୍ତି ଯେ ଜିଲ୍ଲାପ୍ରଶାସନ କିମ୍ବା କୌଣସି ବୈଦାନ୍ୟ ବ୍ୟକ୍ତି କିଛି କିଛି ଅର୍ଥ ରାଶି ସାହାଯ୍ୟ କରିଲେ ଦୁଇଦିନ ଭିତରେ ଭୁବନେଶ୍ୱର ବାହାରିବେ ଯେତେ ଡେରି ହେଉଛି ସ୍ୱାସ୍ଥ୍ୟ ସେତିକି ଖରାପ ହେଉଛି ଦୟାକରି କିଛି କିଛି ସାହାଯ୍ୟ କଲେ ।

# ଗଜପତି-ଆନ୍ଧ୍ର ସୀମାନ୍ତରେ ବଢୁଛି ତେଲୁଗୁର ପ୍ରାଧାନ୍ୟ



**ସୀମାନ୍ତ ୫୦ ଗାଁର ପିଲା ନାମ ଲେଖାଇଛନ୍ତି ଆନ୍ଧ୍ର ସ୍କୁଲରେ**

**ଗୋଷାଣୀ, କାଶୀନଗର ଓ ରାୟଗଡ଼ ବ୍ଲକରେ ଚିନ୍ତାଜନକ ସ୍ଥିତି**

**ଯାହାର ଯେଉଁଠି ସୁବିଧା ସେ ସେଇଠି ପଢୁ: ଡିଇଓ**

**ପାରଳାଖେମୁଣ୍ଡି:** ଜନ୍ମ ଓଡ଼ିଶା ମାଟିରେ । ଘର ବି ଓଡ଼ିଶାରେ ଓ ଭାଷା ଓଡ଼ିଆ । କିନ୍ତୁ ପାଠପଢ଼ା ଆନ୍ଧ୍ରରେ ଓ ମାଧ୍ୟମ ତେଲୁଗୁ । ପ୍ରତି ଶିକ୍ଷାବର୍ଷରେ ମାଳମାଳ ଛାତ୍ରଛାତ୍ରୀ ସୀମାନ୍ତ ଆନ୍ଧ୍ରର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଉଛନ୍ତି । ଇଏ ହେଉଛି, ଗଜପତିଜିଲ୍ଲା ଆନ୍ଧ୍ର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର । ସ୍ଥିତି ଏମିତି ଯେ, ଓଡ଼ିଆ ଭାଷା ବ୍ୟବହାର ତ ଦୂରର କଥା, ଭବିଷ୍ୟତ ପିଢ଼ିକୁ ଏହି ଭାଷାରୁ ଦୂରେଇ ଦିଆଯାଉଛି । ଫଳରେ ସୀମାନ୍ତ ଅଞ୍ଚଳରେ ଏବେ ଓଡ଼ିଆ ଭାଷା ଧୀରେ ଧୀରେ ସତ୍ତା ହରାଇବାକୁ ବସିଛି ବୋଲି କହିଲେ ଜମାରୁ ଅତ୍ୟୁକ୍ତି ହେବନି । ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ତୁଳନାରେ ଆନ୍ଧ୍ରର ଶିକ୍ଷା ବ୍ୟବସ୍ଥା ସୀମାନ୍ତ ଇଲାକାର ଲୋକଙ୍କୁ ଅଧିକ ଆକର୍ଷିତ କରୁଛି । ଆନ୍ଧ୍ର ସୀମାନ୍ତରେ ଥିବା ଗୋଷାଣୀ ବ୍ଲକର ଧାମୁଣିଗାଁ, ଅମରା, ଡାଳିମ୍ବପୁର, କେରାଣ୍ଡି ଗ୍ରାମ, କାଶୀନଗର ବ୍ଲକ୍‌ର ହାଡୁଭଙ୍ଗୀ ପଞ୍ଚାୟତ ଏବଂ ରାୟଗଡ଼ ବ୍ଲକ୍‌ର ବିଭିନ୍ନ ଗ୍ରାମକୁ ମିଶାଇ ଏଭଳି ୫୦ରୁ ଅଧିକ ଗ୍ରାମରେ ଓଡ଼ିଆ ଭାଷା ଯେମିତି ଜନମାନସରୁ ହଜିଯାଇଥିବା ବେଳେ ତେଲୁଗୁ ଭାଷାର ପ୍ରାଧାନ୍ୟ ବଢ଼ିବାରେ ଲାଗିଛି ।

ବର୍ତ୍ତମାନ ଗୋଷାଣୀ ବ୍ଲକ୍‌ର ଛାତ୍ରଛାତ୍ରୀ ଆନ୍ଧ୍ରର କସମଳା, ବସୁନ୍ଧରା, ମେଳିଆପୁଟି, ଚାପରା ଓ ରାଟିଣି ଗ୍ରାମର ବିଦ୍ୟାଳୟରେ ନାମ ଲେଖାଇ ତେଲୁଗୁ ମାଧ୍ୟମରେ ପଢୁଛନ୍ତି । ସେହିପରି କାଶୀନଗର ବ୍ଲକ୍ ହାଡୁଭଙ୍ଗୀ ପଞ୍ଚାୟତର ଛାତ୍ରଛାତ୍ରୀ ଆନ୍ଧ୍ରର କୌଶଲ୍ୟାପୁରମ ଏବଂ ରାୟଗଡ଼ ବ୍ଲକର ଗଙ୍ଗାବାଡ଼ ଓ କେରାଣ୍ଡି ପଞ୍ଚାୟତର ଛାତ୍ରଛାତ୍ରୀ ମଣ୍ଡସା ସରକାରୀ ବିଦ୍ୟାଳୟକୁ ଯାଉଛନ୍ତି । କିଛି ଅଭିଭାବକ ଆଲୋଚନା ବେଳେ କହିଛନ୍ତି, ଓଡ଼ିଶା ଅପେକ୍ଷା ଆନ୍ଧ୍ର ସ୍କୁଲରେ ଅଧିକ ସୁବିଧା ଉପଲବ୍ଧ ହେଉଛି । ଏପରିକି ସେଠାରେ ପାଠ ପଢ଼ିଲେ ଚାକିରି ମିଳିବା ସହଜ ହେଉଛି । ସେହିପରି ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ପୋଷାକ, ପାଠ୍ୟପୁସ୍ତକ, ବ୍ୟାଗ୍, ଚପଲ ସହ ରୁଚିକର ଖାଦ୍ୟ ଏବଂ ଆର୍ଥିକ ସହାୟତା ବି ମିଳୁଛି । ଫଳରେ ସେମାନେ ଆନ୍ଧ୍ର ପ୍ରତି ଆକର୍ଷିତ ହେଉଥିବା କହିଛନ୍ତି ।

ଅନ୍ୟପକ୍ଷରେ ଆନ୍ଧ୍ର-ଓଡ଼ିଶାର ସୀମାନ୍ତବର୍ତ୍ତୀ ଅଞ୍ଚଳରେ କେବେ ସୀମାକୁ ନେଇ ବିବାଦ ଦେଖାଦେଉଛି ତ ଆଉ କେବେ ସୀମାନ୍ତ ଗ୍ରାମବାସୀଙ୍କୁ ଆନ୍ଧ୍ର ପ୍ରଶାସନ ବିଭିନ୍ନ ସରକାରୀ ପ୍ରଲୋଭନ ଦେଖାଉଥିବାର ଅଭିଯୋଗ ବହୁବାର ଆସିଛି । ସୀମାନ୍ତରେ କେତେ ପିଲା ଆନ୍ଧ୍ରକୁ ପଢ଼ିବାକୁ ଯାଉଛନ୍ତି, ଏହି ଖବର ଶିକ୍ଷା ବିଭାଗ ପାଖରେ ବି ନାହିଁ । ଗଜପତି ଜିଲ୍ଲା ଶିକ୍ଷାଧିକାରୀ ମାୟାଧର ସାହୁ କହିଛନ୍ତି, ନିଜ ରୁଚି ଅନୁସାରେ ଯାହାର ଯେଉଁଠି ସୁବିଧା ସିଏ ସେଇଠି ପାଠ ପଢ଼ିପାରିବେ । ଫଳରେ ସୀମାନ୍ତରେ ଓଡ଼ିଆ ଭାଷାର ବିକାଶ ପ୍ରତି ଶିକ୍ଷା ବିଭାଗ କେତେ ତତ୍ପର ତାହା ସ୍ପଷ୍ଟ ପ୍ରମାଣିତ ହେଉଛି ।

# କନ୍ଧମାଳରେ କଳାହାଣ୍ଡି ପୋଲିସକୁ ମାଡ଼ ମାରିବା ଘଟଣାରେ ୨ ଗିରଫ

**କନ୍ଧମାଳ:** କନ୍ଧମାଳରେ କଳାହାଣ୍ଡି ପୋଲିସକୁ ମାଡ଼ ମାରିବା ଘଟଣାରେ ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତୁମୁଡ଼ିବନ୍ଧ ଥାନା ପୋଲିସ୍ । ସୁଚନା ପ୍ରକାରେ ଗତ ଗୁରୁବାର ଦିନ ବାଲିଗୁଡ଼ା ଥାନା ସୁକୁଙ୍ଗିଆ ଅଂଚଳରେ ଲୁଚି ରହିଥିବା ନେଇ ମୋବାଇଲ୍ ନମ୍ବର୍ ଟ୍ରାକିଂ କରି ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ କଳାହାଣ୍ଡିର ତିନିଜଣ ପୋଲିସ୍ ସାଧା ପୋଷାକରେ ସୁକୁଙ୍ଗିଆ ଅଂଚଳରେ ପହଁଚି ଅଭିଯୁକ୍ତକୁ ଧରିବାରେ ରେ ପୋଲିସ୍ କବଳରୁ ମୁକୁଳି ଯାଇ ଗାଁ ଲୋକଙ୍କୁ ପାଟିକରି ପୋଲିସକୁ ଅପହରଣକାରୀ କହିଥିଲା । ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଧା ପୋଷାକଧାରୀ କଳାହାଣ୍ଡି ପୋଲିସ୍ ଘଟଣାସ୍ଥଳରୁ ଫେରିବା ବେଳେ ତୁମୁଡ଼ିବନ୍ଧ ଥାନା ଅନ୍ତର୍ଗତ କୁର୍ତ୍ତମଗଡ଼ ନିକଟସ୍ଥ ପନ୍ଦରମାଇଲ୍ ଛକ ନିକଟରେ କିଛି ଦୁର୍ବୃତ୍ତ ପୋଲିସକୁ ଅଟକାଇ ତାଙ୍କ ସର୍ଭିସ୍ ରିଭଲଭର ଛଡ଼ାଇ ନେବାସହ ମୋବାଇଲ୍ ଓ ୭ ହଜାର ଟଙ୍କା ଛଡ଼ାଇ ନେବାପରେ ତିନିଜଣ ସାଧା ପୋଷାକଧାରୀ ପୋଲିସଙ୍କୁ ନିର୍ଦ୍ଧୁମ ମାଡ଼ ମାରିଥିଲେ । ଖବରପାଇ ତୁମୁଡ଼ିବନ୍ଧ ଥାନା ପୋଲିସ୍ ଘଟଣାସ୍ଥଳରେ ପହଁଚି ସମ୍ପୃକ୍ତ କଳାହାଣ୍ଡି ପୋଲିସଙ୍କୁ ଉଦ୍ଧାର କରି ତୁମୁଡ଼ିବନ୍ଧ ନେବା ସହ ଘଟଣା ସମ୍ପର୍କରେ ସେମାନଙ୍କୁ ପଚାରି ବୁଝିବା ସହ ପ୍ରାଥମିକ ଚିକିତ୍ସା କରାଇ କଳାହାଣ୍ଡି ପଠାଇ ଦେଇଥିଲେ । ଘଟଣାକୁ ଗୁରୁତର ସହ ନେଇ ତୁମୁଡ଼ିବନ୍ଧ ପୁଲିସ ଏକ ମାମଲା ରୁଜୁ କରି ସମସ୍ତ ଭିଡିଓ ଫୁଟେଜକୁ ଆଧାର କରି ଦୁଇଜଣଙ୍କୁ ଗିର କରି କୋର୍ଟ ଚାଲାଣ କରିଛି ପୋଲିସ୍ । ଗିରଫ ଦୁଇଜଣ କୁର୍ତ୍ତମଗଡ଼ର ମେନୁ ଅଲ୍ଲୀ ସାହା ଓ ପରମପଙ୍ଗା ପଂଚାୟତର ବାଲିମାହା ଗ୍ରାମର ଜହନ ଦିଗାଳ ହୋଇଥିବା ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ଏଥିସହିତ ଘଟଣାର ତଦନ୍ତ ଜାରି ରହିଛି, ଏହି ଘଟଣାରେ ଅନ୍ୟ ଯେଉଁମାନେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ତୁମୁଡ଼ିବନ୍ଧ ଥାନା ଭାରପ୍ରାପ୍ତ ଅଧିକାରୀ ଆଶୁତୋଷ ଜେନା ।

ମାତୃଭାଷା



# ଲର୍ଡସରେ ୨୨ ରନ୍ ପାଇଁ ହାରିଲା ଟିମ୍ ଇଣ୍ଡିଆ



**ଲର୍ଡ୍ସ, ୧୪।୭:** ବହୁ ରୋମାଞ୍ଚକର ଓ ନାଟକୀୟ ମୋଡ଼ ପରେ ଶେଷରେ ଲର୍ଡ୍ସ ଟେଷ୍ଟରେ ବାଜି ମାରି ନେଇଛି ଇଂଲଣ୍ଡ। ଭାରତକୁ ଘରୋଇ ଦଳ ୨୨ ରନରେ ହରାଇଛି। ରବୀନ୍ଦ୍ର ଜାଡ଼େଜାଙ୍କ ୬୧ ରନର ସଂଘର୍ଷପୂର୍ଣ୍ଣ ଇନିଂସ ବୃଥା ହୋଇଛି। ବିଜୟ ସହ ଇଂଲଣ୍ଡ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ୨-୧ରେ ଅଗ୍ରଣୀ ହାସଲ କରିଛି। ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୧୯୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୭୦ ରନରେ ଅଲଆଉଟ୍ ହୋଇଛି। ଜାଡ଼େଜା ଓ କେଏଲ ରାହୁଲଙ୍କ ବ୍ୟତୀତ ଅନ୍ୟ ବ୍ୟାଟରଙ୍କ ନିରାଶଜନକ ପ୍ରଦର୍ଶନ କାରଣରୁ ଭାରତ ଛୋଟ ବିଜୟ ଲକ୍ଷ୍ୟକୁ ବି ପିଛା କରି ପାରିନି। ପ୍ରଥମ ଇନିଂସରେ ଇଂଲଣ୍ଡ ଓ ଭାରତ ସମାନ ୩୮୭ ରନ କରିଥିଲେ। ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ୧୯୨ ରନରେ ଅଲଆଉଟ୍ ହୋଇଥିଲା।

ଚତୁର୍ଥ ଦିନର ଅସମାପ୍ତ ଖେଳ ୫୮/୪ରୁ ଭାରତ ବ୍ୟାଟିଂ ଆରମ୍ଭ କରିଥିଲା। ଶେଷ ଦିନରେ ଭାରତକୁ ଜିତିବା ପାଇଁ ଦରକାର ଥିଲା ୧୩୫ ରନ ଏବଂ ଇଂଲଣ୍ଡକୁ ଦରକାର ଥିଲା ୬ ଓ୍ୱିକେଟ୍। କେଏଲ ରାହୁଲ ଓ ଋଷଭ ପନ୍ତଙ୍କଠୁ ଦଳ ବହୁତ ଆଶା ରଖିଥିଲା। ହେଲେ ଆରମ୍ଭରୁ ଦଳ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା। ପନ୍ତ ୯ ରନ

## • ଏକା ଲଢ଼ିଲେ ଜାଡେଜା
## • ଆର୍ଚର ଓ ଷ୍ଟୋକ୍ସଙ୍କୁ ୩ଟି ଲେଖାଏଁ ଓ୍ୱିକେଟ
## • ଇଂଲଣ୍ଡ ୨-୧ରେ ସିରିଜ ଆଗୁଆ

କରି ଆଉଟ୍ ହୋଇଥିବା ବେଳେ ନିର୍ଭରଯୋଗ୍ୟ ବ୍ୟାଟର କେଏଲ ରାହୁଲ ଆଉଟ୍ ହେବା ଭାରତକୁ ବହୁତ ବଡ଼ ଝଟକା ଲାଗିଥିଲା। କେଏଲ ୩୯ ରନ କରି ପାଭିଲିୟନ ଫେରିଥିଲେ। ଓ୍ୱାଶିଂଟନ ସୁନ୍ଦର ଖାତା ଖୋଲି ପାରି ନ ଥିଲେ। ୮୨ ରନରେ ୭ ଓ୍ୱିକେଟ୍ ହରାଇବା ପରେ ଭାରତର ପରାଜୟ ନିଶ୍ଚିତ ଲାଗୁଥିଲା।

ତେବେ ରବୀନ୍ଦ୍ର ଜାଡ଼େଜା ଗୋଟିଏ ପଟେ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳି ଭାରତର ଆଶା ଉଜ୍ଜିବୀତ ରଖିଥିଲେ।

| ଇଂଲଣ୍ଡ ପ୍ରଥମ ଇନିଂସ: ୩୮୭/୧୦ (୧୧୨.୩ ଓଭର) | | | |
|---|---|---|---|
| ଭାରତ ପ୍ରଥମ ଇନିଂସ: ୩୮୭/୧୦ (୧୧୯.୨ ଓଭର) | | | |
| ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୧୯୨/୧୦ (୬୨.୧ ଓଭର) | | | |
| ଭାରତ ପ୍ରଥମ ଇନିଂସ: ୧୭୦/୧୦ (୭୪.୫ ଓଭର) | | | |
| ଯଶସ୍ୱୀ ଜୟସ୍ୱାଲ | କ୍ୟା ସ୍ମିଥ୍ ବୋ ଆର୍ଚର | ୦୦ | ୦୭ |
| କେଏଲ୍ ରାହୁଲ | ଏଲବି ବୋ ଷ୍ଟୋକ୍ସ | ୩୯ | ୫୮ |
| କରୁଣ ନାୟାର | ଏଲବି ବୋ କାର୍ସ | ୧୪ | ୩୩ |
| ଶୁବମନ ଗିଲ୍ | ଏଲବି ବୋ କାର୍ସ | ୦୬ | ୦୯ |
| ଆକାଶ ଦୀପ | ବୋ ଷ୍ଟୋକ୍ସ | ୦୧ | ୧୧ |
| ରିଷଭ ପନ୍ତ | ବୋ ଆର୍ଚର | ୦୯ | ୧୨ |
| ରବୀନ୍ଦ୍ର ଜାଡେଜା | କ୍ୟା ସ୍ମିଥ୍ ବୋ ଓ୍ୱକ୍ସ | ୬୧ | ୧୮୧ |
| ଓ୍ୱାଶିଂଟନ ସୁନ୍ଦର | କ୍ୟା/ବୋ ଆର୍ଚର | ୦୦ | ୦୪ |
| ନୀତିଶ କୁମାର ରେଡ୍ଡୀ | କ୍ୟା ସ୍ମିଥ ବୋ ଓ୍ୱକ୍ସ | ୧୩ | ୫୩ |
| ଯଶପ୍ରୀତ ବୁମରା | କ୍ୟା କୁକ ବୋ ଷ୍ଟୋକ୍ସ | ୦୫ | ୫୪ |
| ମହମ୍ମଦ ସିରାଜ | ବୋ ବାସିର | ୦୪ | ୩୦ |
| ଅତିରିକ୍ତ | | ୧୮ | |

| ବୋଲିଂ | ଓଭର | ମେଡେନ୍ | ରନ୍ | ଓ୍ୱିକେଟ୍ |
|---|---|---|---|---|
| କ୍ରିସ ଓ୍ୱକ୍ସ | ୧୨ | ୫ | ୨୧ | ୧ |
| ଜୋଫ୍ରା ଆର୍ଚର | ୧୬ | ୧ | ୫୫ | ୩ |
| ବେନ ଷ୍ଟୋକ୍ସ | ୨୪ | ୪ | ୪୮ | ୩ |
| ବ୍ରାଣ୍ଡନ କାର୍ସ | ୧୬ | ୨ | ୩୦ | ୨ |
| ଜୋ ରୁଟ | ୧ | ୦ | ୦୧ | ୦ |
| ସୋଏବ ବାସିର | ୫.୫ | ୧ | ୦୬ | ୧ |

ଜାଡେଜା ଓ ନୀରଶ କୁମାର ରେଡ୍ଡୀ ୩୦ ରନ ଯୋଡ଼ି ଦଳର ସ୍କୋରକୁ ୧୧୨ ରନରେ ପହଞ୍ଚାଇଥିଲେ। ଏହା ପରେ ଜାଡେଜା ଓ ବୁମରା ଧୈର୍ଯ୍ୟର ସହ ବ୍ୟାଟିଂ କରି ଲଢେଇ ଜାରି ରଖିଥିଲେ। ଉଭୟ ନବମ ଓ୍ୱିକେଟ୍ ପାଇଁ ୩୫ ରନ ଯୋଡ଼ିଥିଲେ। ବୁମରା ବଡ ସଟ୍ ଖେଳିବା ପ୍ରୟାସରେ ନିଜର ଓ୍ୱିକେଟ୍ ଫିଙ୍ଗିଥିଲେ।

ଜାଡଜୋ ଅର୍ଦ୍ଧଶତକ ହାସଲ କରିବା ସହ ମହମ୍ମଦ ସିରାଜଙ୍କ ସହ ମିଶି ଦଳ ପାଇଁ ଲଢେଇ ଜାରି ରଖିଥିଲେ। ତେବେ ମହମ୍ମଦ ସିରାଜ(୪)ଙ୍କ ଆଉଟ୍ ହେବା ସହ ଭାରତର ଦ୍ୱିତୀୟ ଇନିଂସ ସ୍କୋର ୧୭୦ ରନରେ ଅଟକିଥିଲା। ଘରୋଇ ଇଂଲଣ୍ଡ ମ୍ୟାଚ୍‌କୁ ୨୨ ରନରେ ଜିତି ନେଇଛି। ବୋଲିଂରେ ଇଂଲଣ୍ଡ ପକ୍ଷରୁ ବେନ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ପ୍ରତ୍ୟେକ ୩ଟି ଲେଖାଏଁ ଓ୍ୱିକେ୍ ନେଇଥିବା ବେଳେ ବ୍ରାଇଡନ କାର୍ସ ୨ ଓ୍ୱିକେଟ୍ ନେଇଛନ୍ତି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଜୁଲାଇ ୨୪ରେ ଓଲ୍ଡ ଟ୍ରାଫର୍ଡରେ ଖେଳାଯିବ।

## ସିରାଜଙ୍କ ମ୍ୟାଚ୍ ଫି' କଟିଲା




**ମୁମ୍ବାଇ ୧୪।୭ :** ମହମ୍ମଦ ସିରାଜ୍‌ଙ୍କ ଝଟ୍‌କା। ଇଂଲଣ୍ଡ ବ୍ୟାଟର ବେନ୍ ଡକେଟ୍‌ଙ୍କ ସହ କାନ୍ଧ ଧକ୍କା ଘଟଣାରେ ଦଣ୍ଡିତ କରିଛି ଅନ୍ତର୍ଜାତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ଆଇସିସି)। ଲର୍ଡସ ଟେଷ୍ଟରେ କ୍ରିକେଟ୍ ନିୟମର ଉଲ୍ଲଂଘନ ଅଭିଯୋଗରେ ମ୍ୟାଚ୍ ଫିସ୍‌ର ୧୫ ପ୍ରତିଶତ ଜରିମାନା ଲଗାଇଛି ଆଇସିସି। ଏହାସହିତ ସିରାଜଙ୍କୁ ଏକ ଡିମେରିଟ୍ ପଏଣ୍ଟ ମଧ୍ୟ ମିଳିଛି।

ଭାରତ-ଇଂଲଣ୍ଡ ମଧ୍ୟରେ ଚାଲିଛି ଟେଷ୍ଟ ସିରିଜ୍। ଯାହାର ତୃତୀୟ ମ୍ୟାଚ୍ ଲର୍ଡସ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଉଛି। ରବିବାର ଦିନ ମ୍ୟାଚ୍‌ରେ ୨ୟ ଇନିଂସ ବ୍ୟାଟିଂ କରୁଥିଲା ଇଂଲଣ୍ଡ ଦଳ। ଏହି ସମୟରେ କ୍ରିଜ୍‌ରେ ଉପସ୍ଥିତ ଥିଲେ ଦୁଇ ଓପନର ବେନ୍ ଡକେଟ୍ ଏବଂ ଜ୍ୟାକ୍ କ୍ରୋଲି। ୨ୟ ପାଳିର ୬ଷ୍ଠ ଓଭରରେ ବୋଲିଂ କରିବାକୁ ଆସିଥିଲେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ। ୬ଷ୍ଠ ଓଭରର ୫ମ ବଲ୍‌ରେ ମହମ୍ମଦ ସିରାଜ ନିଜର କୌଶଳ ବୋଲିଂ ଜରିଆରେ ବେନ୍ ଡକେଟ୍‌ଙ୍କୁ ପ୍ୟାଭିଲିୟନର ରାସ୍ତା ଦେଖାଦେଇଥିଲେ। ବେନ୍ ଡକେଟ୍ ଆଉଟ୍ ହୋଇ ପ୍ୟାଭିଲିୟନ ଫେରୁଥିଲେ। ଏହି ସମୟରେ ସିରାଜ ଡକେଟ୍‌ଙ୍କ ପାଖକୁ ଆସି କାନ୍ଧରେ ଧକ୍କା ମାରିଥିଲେ। ଯାହାର ଭିଡିଓ ଲାଇଭ୍ କ୍ୟାମେରାରେ ରେକର୍ଡ ହୋଇଥିଲା। ଏହି ଓଭର ପୂର୍ବରୁ ବେନ୍ ଡକେଟ୍ ଓ ସିରାଜଙ୍କ ମଧ୍ୟରେ ପଡ଼ିଆରେ କିଛି ବିବାଦ ହୋଇଥିବାର ଆଭାସ ମିଳିଥିଲା।

ତେବେ ଲାଇଭ ମ୍ୟାଚ୍‌ରେ ଏପରି

### ବିଶୃଙ୍ଖଳା ପାଇଁ ଆଇସିସି ଲଗାଇଲା ଜରିମାନା

କରିଥିବାରୁ ଆକ୍ସନମୋଡ଼କୁ ଆସିଛି ଆଇସିସି। ତୁରନ୍ତ ବିବାଦର ଭିଡିଓ ଫୁଟେଜ୍‌କୁ ଯାଞ୍ଚ କରିଛି। ଯେଉଁଥିରେ ମହମ୍ମଦ ସିରାଜ ଦୋଷୀ ଥିବାର ପ୍ରମାଣ ମିଳିଛି। ଏହାପରେ ଆଇସିସିର ଆଚାର ସହିଂତା ଅନୁଚ୍ଛେଦ ୨.୫ ଉଲ୍ଲଘନ କରିଥିବା ଅଭିଯୋଗରେ ମହମ୍ମଦ ସିରାଜଙ୍କ ଉପରେ ୧୫ ପ୍ରତିଶତର ଜରିମାନା ଲଗାଇଛନ୍ତି। ଗତ ୨୪ ମାସ ମଧ୍ୟରେ ଆଇସିସି ନିୟମ ଉଲ୍ଲଂଘନ କରିଥିବାର ଏହା ୨ୟ ଘଟଣା। ଯେଉଁଥି ପାଇଁ ମହମ୍ମଦ ସିରାଜଙ୍କୁ ଜରିମାନା ସହିତ ଏକ ଡିମେରିଟ୍ ପଏଣ୍ଟ ମଧ୍ୟ ଦିଆଯାଇଛି।

## ସିନ୍ନର ଜିତିଲେ ଓ୍ୱିମ୍ବଲଡନ୍ ଓପନ୍



**ପ୍ୟାରିସ୍, ୧୪।୭:** ମହିଳା ଏକକ ଭଳି ପୁରୁଷ ଏକକରେ ମଧ୍ୟ ଓ୍ୱିମ୍ବଲଡନ୍ ଓପନ୍‌କୁ ମିଳିଛି ନୂଆ ବିଜେତା। ରବିବାର ବହୁ ପ୍ରତୀକ୍ଷିତ ପୁରୁଷ ଏକକ ଫାଇନାଲ୍‌ରେ ୨୩ ବର୍ଷୀୟ ଇଟାଲୀୟ ତାରକା ୟାନିକ୍ ସିନ୍ନର ଦୁଇ ଥର ବିଜେତା ତଥା ୨୨ବର୍ଷୀୟ ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ୪-୬, ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ କରି ଅଲ୍‌ଇଂଲଣ୍ଡ ଲନ୍‌ରେ ପ୍ରଥମ ଥର ଟ୍ରଫି ଧରିବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ସିଡ୍‌ଙ୍କ ମଧ୍ୟରେ ହୋଇଥିବା ଏହି ମହାଲଢ଼େଇର ପ୍ରଥମ ସେଟ୍‌କୁ ସିନ୍ନର ହାରିଯାଇଥିଲେ। ତେବେ ପରବର୍ତ୍ତୀ ତିନିଟି ସେଟ୍‌କୁ ସମାନ ୨ ପଏଣ୍ଟ୍ ବ୍ୟବଧାନରେ ଜିତି ଇତିହାସ ରଚିଥିଲେ।

ଓ୍ୱିମ୍ବଲଡନ୍ ଓପନ୍ ଜିତିବାରେ ସେ ମଧ୍ୟ ପ୍ରଥମ ଇଟାଲୀୟ ଏବଂ ୧୯୬୮ରେ ଓପନ୍ ଏରା ଆରମ୍ଭ ହେବା ପରଠାରୁ ୨୩ତମ ଖେଳାଳି ହୋଇଥିଲେ। ଅନ୍ୟପକ୍ଷରେ ଗତ ଦୁଇ ବର୍ଷ ଏଠାରେ ବିଜେତା ହୋଇଥିବା

### ଆଲକାରାଜଙ୍କୁ କଲେ ପରାସ୍ତ

ଆଲ୍‌କାରାଜ ଓ୍ୱିମ୍ବଲଡନ୍ ଓପନ୍‌ରେ ଲଗତାର ୧୮ ବିଜୟ ପରେ ପ୍ରଥମ ପରାଜୟ ବରଣ କରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲେ। ଏହା ପୂର୍ବରୁ ପୋଲାଣ୍ଡର ଇଗା ସ୍ୱିତେକ ମହିଳା ବର୍ଗରେ ଆମେରିକାର ଅମଣ୍ଡା ଆନିସସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ପ୍ରଥମ ଥର ବିଜେତା ହୋଇଥିଲେ। ସେ ମଧ୍ୟ ଓ୍ୱିମ୍ବଲଡନ୍ ଓପନ୍ ଜିତିବାରେ ପୋଲାଣ୍ଡର ପ୍ରଥମ ଖେଳାଳି ହେବାର ରେକର୍ଡ କରିଥିଲେ।

## ଦ୍ରାବିଡଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

**ଲର୍ଡସ, ୧୪।୭:** ଲର୍ଡସ କ୍ରିକେଟ ଗ୍ରାଉଣ୍ଡରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଉଥିବା ତୃତୀୟ ଟେଷ୍ଟର ଦ୍ୱିତୀୟ ଇନିଂସରେ ଶୁଭମନ ଗିଲ୍ କେବଳ ୬ ରନ କରିଥିଲେ, ଯାହା ଟିମ ଇଣ୍ଡିଆ ଉପରେ ଚାପ ବୃଦ୍ଧି କରିଥିଲା। ତଥାପି, ଏହି ଛୋଟ ଇନିଂସରେ ଅଧିନାୟକ ରାହୁଲ ଦ୍ରାବିଡଙ୍କ ୨୩ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ଦେଇଛନ୍ତି।

ଶୁଭମନ ଗିଲ ବ୍ରାଇଡନ କାର୍ସେଙ୍କ ବଲରେ ଏଲବିଡବ୍ଲ୍ୟୁ ଆଉଟ ହୋଇଥିଲେ, ସେ ୬ ରନ କରିଥିଲେ। ଏହା ସହିତ, ଏହି ଟେଷ୍ଟ ସିରିଜରେ ତାଙ୍କର ମୋଟ ରନ ୬୦୭ ହୋଇଯାଇଛି। ଗିଲ୍ ଇଂଲଣ୍ଡରେ ଏକ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିଥିବା ଭାରତୀୟ ବ୍ୟାଟସମ୍ୟାନ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ରାହୁଲ ଦ୍ରାବିଡଙ୍କ ନାମରେ ଥିଲା, ଯିଏ ୨୦୦୨ ରେ



ଇଂଲଣ୍ଡରେ ୪ ମ୍ୟାଚର ୬ ଇନିଂସରେ ମୋଟ ୬୦୨ ରନ କରିଥିଲେ।

ଏବେ ଶୁଭମନ ଗିଲ୍‌ଙ୍କ ନଜର ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜରେ ସର୍ବାଧିକ ରନ କରିବାର ରେକର୍ଡ ଉପରେ ଅଛି, ଯାହା ସେ ଆଗାମୀ ଟେଷ୍ଟରେ କରିପାରିବେ। ଆପଣଙ୍କୁ ଜଣାଇ ଦେଉଛୁ ଯେ ଏହି ରେକର୍ଡ ଗ୍ରାହାମ ଆଲାନ ଗୁଚଙ୍କ ନାମରେ ଅଛି, ଯିଏ ୧୯୯୦ ରେ ୭୫୨ ରନ କରିଥିଲେ। ଗିଲ୍‌ଙ୍କୁ ତାଙ୍କ ରେକର୍ଡ ଭାଙ୍ଗିବା ପାଇଁ ପରବର୍ତ୍ତୀ ୪ ଇନିଂସରେ ୧୪୬ ରନ କରିବାକୁ ପଡିବ।

## ଅଲଗା ହେଲେ ବ୍ୟାଡମିଣ୍ଟନ ଷ୍ଟାର ସାଇନା-ପାରୁପଲ୍ଲୀ



**ମୁମ୍ବାଇ, ୧୪।୫:** ଭାରତୀୟ ବ୍ୟାଡମିଣ୍ଟନ ତାରକା ଏବଂ ଅଲିମ୍ପିକ୍ ପଦକ ବିଜେତା ସାଇନା ନେହୱାଲ। ଏବେ ସେ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ୟାଡମିଣ୍ଟନ ତାରକା ସାଇନା ଏବଂ ତାଙ୍କ ସ୍ୱାମୀ ପାରୁପାଲି କଶ୍ୟପ ପରସ୍ପରଠାରୁ ଅଲଗା ହୋଇଯାଇଛନ୍ତି। ସାଇନା ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। ସାଇନା ଏବଂ ଭାରତର ପୂର୍ବତନ ପୁରୁଷ ବ୍ୟାଡମିଣ୍ଟନ ତାରକା ପାରୁପାଲି କଶ୍ୟପ ଦୀର୍ଘ ଦିନର ସମ୍ପର୍କ ପରେ ୨୦୧୮ରେ ବିବାହ କରିଥିଲେ। ଏବେ ବିବାହର ୭ ବର୍ଷ ପରେ, ଉଭୟ ଅଲଗା ହୋଇଛନ୍ତି।

### ବିବାହର ୭ ବର୍ଷ ପରେ ବିଚ୍ଛେଦ

୩୫ ବର୍ଷୀୟ ପ୍ରବୀଣ ଭାରତୀୟ ତାରକା ସାଇନା ୧୩ ଜୁଲାଇ ରବିବାର ଇନଷ୍ଟାଗ୍ରାମରେ ପୋଷ୍ଟ କରି ଏହି ଘୋଷଣା କରିଥିଲେ। ଯାହା ଲକ୍ଷ ଲକ୍ଷ ପ୍ରଶଂସକଙ୍କ ହୃଦୟକୁ ଭାଙ୍ଗି ଦେଇଥିଲା। ସାଇନା ତାଙ୍କ ବିବୃତ୍ତିରେ କହିଛନ୍ତି, 'ଜୀବନ କେତେବେଳେ ଆମକୁ ଭିନ୍ନ ଦିଗରେ ନେଇଯାଏ। ବହୁତ ଚିନ୍ତା କରିବା ପରେ, ପାରୁପାଲି କଶ୍ୟପ ଏବଂ ମୁଁ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ଆମେ ଉଭୟ ନିଜ ପାଇଁ ଏବଂ ପରସ୍ପର ପାଇଁ ଶାନ୍ତି, ପ୍ରଗତି ଏବଂ ଆଶ୍ୱସ୍ତି ବାଛୁ।' ହେଲେ ସେମାନଙ୍କ ଅଲଗା ହେବାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ସାଇନା କଶ୍ୟପଙ୍କ ସହିତ ବିତାଇଥିବା ମୁହୂର୍ତ୍ତଗୁଡ଼ିକ ପାଇଁ ଖୁସି ପ୍ରକାଶ କରିଛନ୍ତି। ସାଇନା ଲେଖିଛନ୍ତି, 'ମୁଁ ଏହି ସ୍ମୃତି ପାଇଁ ସର୍ବଦା କୃତଜ୍ଞ ଏବଂ ଆଗକୁ ବଢ଼ିବା ପାଇଁ କେବଳ ଶୁଭକାମନା କରୁଛି। ଏପରି ସମୟରେ ଆମର ଗୋପନୀୟତାକୁ ବୁଝିବେ ଏବଂ ସମ୍ମାନ ଦେବା ପାଇଁ ଧନ୍ୟବାଦ।

ସାଇନା ଏବଂ ୩୮ ବର୍ଷୀୟ କଶ୍ୟପ ବିବାହକୁ ୭ ବର୍ଷ ବିତିଯାଇଥିଲା। ଉଭୟ ୨୦୧୮ରେ ସେମାନେ ବିବାହ କରିଥିଲେ। ଦୀର୍ଘ ସମୟ ଧରି ଏହି ଉଭୟ ତାରକା ଗଣମାଧ୍ୟମ ଏବଂ ପ୍ରଶଂସକଙ୍କ ଦୃଷ୍ଟିରୁ ସେମାନଙ୍କ ସମ୍ପର୍କକୁ ଦୂରରେ ରଖିଥିଲେ। କୁହାଯାଏ ଯେ ଉଭୟଙ୍କ ଏହି ସମ୍ପର୍କ ସେମାନଙ୍କ କ୍ୟାରିୟରର ପ୍ରାରମ୍ଭିକ ଦିନଗୁଡ଼ିକରେ ଆରମ୍ଭ ହୋଇଥିଲା। ଉଭୟ ହାଇଦ୍ରାବାଦର କିମ୍ବଦନ୍ତୀ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ପୁଲେଲା ଗୋପୀଚାନ୍ଦଙ୍କ ଏକାଡେମୀରେ ସାକ୍ଷାତ କରିଥିଲେ।

### ଫିଡେ ଚେସ୍ ମହିଳା ବିଶ୍ୱକପ୍

## ଚତୁର୍ଥ ରାଉଣ୍ଡରେ ଦିବ୍ୟା



**ନୂଆଦିଲ୍ଲୀ, ୧୪।୭:** ଜର୍ଜିଆର ବାତୁମିଠାରେ ଚାଲିଥିବା ଫିଡେ ଚେସ୍ ମହିଳା ବିଶ୍ୱକପ୍‌ରେ ତୃତୀୟ ରାଉଣ୍ଡ୍ ଖେଳ ଜାରି ରହିଛି। ଭାରତୀୟ/ ଆଇଏମ୍ ଦିବ୍ୟା ଦେଶମୁଖ ଚମତ୍କାର ଖେଳ ପ୍ରଦର୍ଶନ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ପଟରେ ବନ୍ତିକା ଅଗ୍ରୱାଲ୍ ପ୍ରଥମ ଗେମ୍ ଜିତିଥିବାବେଳେ କୋନେରୁ ହମ୍ପି, ଆର୍ ବୈଶାଳୀ ନିଜ ନିଜ ପ୍ରଥମ ଗେମ୍ ଡ୍ର' ରଖିଛନ୍ତି। ଭାରତୀୟ ଜିଏମ୍ ହାରିକା ଦ୍ରୋଣାବଳୀ ଉଭୟ ଗେମ୍‌କୁ ଡ୍ର' ରଖିଛନ୍ତି। ତୃତୀୟ ରାଉଣ୍ଡରେ ଦିବ୍ୟା ୧.୫-୦.୫ରେ ସର୍ବିୟାର ତିଓଡୋରା ଇଞ୍ଜାକଙ୍କୁ ହରାଇଥିଲେ। ସେ ପ୍ରଥମ ଗେମ୍ ଜିତିଥିବାବେଳେ ଦ୍ୱିତୀୟ ଗେମ୍‌କୁ ଡ୍ର' ରଖିଥିଲେ। ଅନ୍ୟ ପଟରେ ବନ୍ତିକା ପ୍ରଥମ ଗେମ୍‌ର ବିଶ୍ୱର ୧୧ତମ ମାନ୍ୟତାପ୍ରାପ୍ତ ରୁଷିଆ ଖେଳାଳି କାଟେରିନା ଲାଗ୍‌ନୋଙ୍କୁ ପରାଜିତ କରିଥିଲେ। ସେ ୧-୦ରେ ଆଗୁଆ ରହିଛନ୍ତି। ଜିଏମ୍ ଦ୍ରୋଣାବଳୀ ଓ ଗ୍ରୀସର ଷ୍ଟାଭାରୌଲା ସୋଲାକିଡୌଙ୍କ ମଧ୍ୟରେ ମ୍ୟାଚ୍ ୧-୧ରେ ବରାବର ରହିଛି। ସେହିପରି ଜିଏମ୍ ବୈଶାଳୀ ଆମେରିକାର କାରିସା ୟିପ୍‌ଙ୍କ ଏବଂ ଜିଏମ୍ ହମ୍ପି ପୋଲାଣ୍ଡର କ୍ଲାଉଡିଆ କୁଲୋନଙ୍କ ବିପକ୍ଷ ପ୍ରଥମ ବାଜିରେ ପଏଣ୍ଟ ଭାଗ କରିଥିଲେ। ବୈଶାଳୀ ଓ କାରିସା ପ୍ରଥମ ଗେମ୍‌ରେ ମାତ୍ର ୧୩ଟି ଗୋଟି ଚାଳନା ପରେ ପଏଣ୍ଟ ଭାଗ କରିବାକୁ ନିଷ୍ପତ୍ତି ନେଇଥିଲେ।



MBA/25-26/0203

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar